୬ ୧୯ ବର୍ଷ ପରେ ହାରିଲା ଅଷ୍ଟ୍ରେଲିଆ, ୨୩ ରନରେ ହରାଇଲା ଜିମ୍ବାୱେ



ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

32 YEARS

# ସମ୍ବାଦ କଳିକା

TM

The Sambad Kalika

E-mail : sambadkalikanews@gmail.com

e-paper www.sambadkalika.in

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper NS-EN ISO 9001:2008

କର୍ମଣ୍ୟେ ବାଧିକାରସ୍ତେ ମା ଫଳେଷୁ କଦାଚନ

୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା 8 Pages, ₹2.00

● ବର୍ଷ–୩୩ ● ସଂଖ୍ୟା–୧୭ ● ୧୪ ଫେବୃଆରୀ ୨୦୨୬, ଶନିବାର ● ଭୁବନେଶ୍ୱର ● Vol -33 ● Issue-17 ● 14th February 2026, Saturday ● Bhubaneswar | RNI Regd.No. : 52640/94 Postal Regd.No. : BN-60/25-27


# 'ଶ୍ରୀଜଗନ୍ନାଥ ଦର୍ଶନ' ଯୋଜନାର ଶୁଭାରମ୍ଭ କଲେ ମୁଖ୍ୟମନ୍ତ୍ରୀ

## ନୂଆ ସରକାରୀ ମେଡିକାଲ କଲେଜ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ




**ନବରଙ୍ଗପୁର, ୧୩।୨**
**ନ୍ୟୁଜ୍ ବ୍ୟୁରୋ**

ମହାପ୍ରଭୁ ଶ୍ରୀଜଗନ୍ନାଥ ହେଉଛନ୍ତି ଜଗତର ନାଥ, ତେଣୁ ତାଙ୍କ ଦର୍ଶନ ପାଇଁ କୌଣସି ବାଧା ରହିବା ଉଚିତ ନୁହେଁ। ପ୍ରତିଟି ଓଡିଆ ଯେପରି ଜୀବନରେ ଅନ୍ତତଃ ଥରେ ସମ୍ମାନର ସହ ମହାପ୍ରଭୁଙ୍କ ଦର୍ଶନ ପାଇବେ, ଏହି ଚିନ୍ତାଧାରା ରଖି ଆମ ସରକାର 'ଶ୍ରୀଜଗନ୍ନାଥ ଦର୍ଶନ' ଯୋଜନାର ଶୁଭାରମ୍ଭ କରିଛନ୍ତି ବୋଲି ଶୁକ୍ରବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନବରଙ୍ଗପୁର ଠାରେ 'ଶ୍ରୀଜଗନ୍ନାଥ ଦର୍ଶନ' ଯୋଜନାର ଶୁଭାରମ୍ଭ ଏବଂ ସରକାରୀ ମେଡିକାଲ କଲେଜର ଭିତ୍ତିପ୍ରସ୍ତର ସ୍ଥାପନ ଅବସରରେ କହିଛନ୍ତି।

ମୁଖ୍ୟମନ୍ତ୍ରୀ ଆହୁରି କହିଛନ୍ତି ଯେ, ଯେଉଁ ଦିନ ପ୍ରତିଟି ଗରିବ ଲୋକ ବିନା କୌଣସି ବାଧାରେ ମହାପ୍ରଭୁଙ୍କ ଚକାନୟନ ସହ ଆଖି ମିଳାଇ ପାରିବ ଏବଂ ଶ୍ରଦ୍ଧାରେ ଲୁହ ଝରାଇବ, ସେହିଦିନ ହିଁ ମୋର ମୁଖ୍ୟମନ୍ତ୍ରୀ ପଦ ସାର୍ଥକ ହେବ ଏବଂ ମୋ ପାଇଁ ସେହି ଭକ୍ତର ସନ୍ତୋଷ ହିଁ ହେବ ସର୍ବଶ୍ରେଷ୍ଠ ପୁରସ୍କାର।

ସୂଚନାଯୋଗ୍ୟ ଯେ, ଶୁକ୍ରବାର ରାଜ୍ୟର ନବରଙ୍ଗପୁର, ଭଦ୍ରକ, ବାରିପଦା, ସମ୍ବଲପୁର ଏବଂ ବ୍ରହ୍ମପୁରଠାରୁ 'ଶ୍ରୀଜଗନ୍ନାଥ ଦର୍ଶନ' ଯୋଜନାର ଶୁଭାରମ୍ଭ ହୋଇଛି। ୫ଟି ଜିଲ୍ଲାରୁ ପ୍ରାୟ ୫୦୦ ଶ୍ରଦ୍ଧାଳୁ ତୀର୍ଥଯାତ୍ରୀ ଏସ୍କର୍ଟ ଅଫିସରଙ୍କ ସହିତ ପୁରୀ ଅଭିମୁଖେ ଯାତ୍ରା କରିଛନ୍ତି। ଏହି ଯୋଜନାରେ ଚଳିତ ବର୍ଷ ରାଜ୍ୟର ୫ ହଜାର ହିତାଧିକାରୀ ଏବଂ ଆସନ୍ତା ୪ ବର୍ଷ ମଧ୍ୟରେ ୧ ଲକ୍ଷରୁ ଊର୍ଦ୍ଧ୍ୱ ଯୋଗ୍ୟ ହିତାଧିକାରୀଙ୍କୁ ମହାପ୍ରଭୁଙ୍କ ଦର୍ଶନ କରାଇବାର ଲକ୍ଷ୍ୟ ରହିଛି। ଆର୍ଥିକ ଦୁର୍ବଳ ଶ୍ରେଣୀର ୬୦ ରୁ ୭୫ ବର୍ଷ ବୟସ ସୀମା ମଧ୍ୟରେ ଥିବା ବରିଷ୍ଠ ନାଗରିକ ଓ ୭୫ ବର୍ଷ ବୟସ ମଧ୍ୟରେ *(ପୃଷ୍ଠା ୭ରେ)*

# ସେବାତୀର୍ଥ ଓ କର୍ତ୍ତବ୍ୟ ଭବନ ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ଉଦ୍‌ଘାଟିତ

**ନୂଆଦିଲ୍ଲୀ, ୧୩।୨**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ନୂତନ ପ୍ରଧାନମନ୍ତ୍ରୀ କାର୍ଯ୍ୟାଳୟ, ଜାତୀୟ ସୁରକ୍ଷା ପରିଷଦ ସଚିବାଳୟ, ଏବଂ କ୍ୟାବିନେଟ ସଚିବାଳୟ କୋଠା କମ୍ପ୍ଲେକ୍ସର ନାମ "ସେବା ତୀର୍ଥ"କୁ ଉଦଘାଟନ କରିଛନ୍ତି। ପ୍ରଧାନମନ୍ତ୍ରୀ ମୋଦୀ ଆଜି ନୂତନ ପିଏମଓ ଅଫିସରେ ପଦାର୍ପଣ କରିଛନ୍ତି।

ସେ ସନ୍ଧ୍ୟା ପ୍ରାୟ ୬ ଟାରେ ସେବା ତୀର୍ଥ ସହିତ କର୍ତ୍ତବ୍ୟ ଭବନ-୧ ଏବଂ ୨ ଉଦଘାଟନ କରିଛନ୍ତି ଏବଂ ତା'ପରେ ଏକ ସାର୍ବଜନୀନ କାର୍ଯ୍ୟକ୍ରମ *(ପୃଷ୍ଠା ୭ରେ)*



# ପୂର୍ବତନ କେନ୍ଦ୍ର ମନ୍ତ୍ରୀ କାହ୍ନୁ ଚରଣ ଲେଙ୍କାଙ୍କ ପରଲୋକ

## ମୁଖ୍ୟମନ୍ତ୍ରୀ, କେନ୍ଦ୍ରମନ୍ତ୍ରୀ, ବିରୋଧୀ ଦଳ ନେତାଙ୍କ ସମେତ ବିଶିଷ୍ଟ ବ୍ୟକ୍ତିଙ୍କ ଶୋକ

**ଭୁବନେଶ୍ୱର, ୧୩।୨**
**ନ୍ୟୁଜ୍ ବ୍ୟୁରୋ**

ପୂର୍ବତନ କେନ୍ଦ୍ର ମନ୍ତ୍ରୀ କାହ୍ନୁ ଚରଣ ଲେଙ୍କାଙ୍କର ଶୁକ୍ରବାର ପୂର୍ବାହ୍ନରେ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ହୃଦ୍‌ଘାତରେ ପରଲୋକ ହୋଇଯାଇଛି। ମୃତ୍ୟୁ ବେଳକୁ ତାଙ୍କୁ ୮୬ ବର୍ଷ ବୟସ ହୋଇଥିଲା। ୧୯୮୮ ରୁ ସେ ରାଜ୍ୟସଭା ସାଂସଦ ଭାବରେ ପ୍ରତିନିଧିତ୍ୱ କରିଥିଲେ । ୧୯୯୧ରୁ ୧୯୯୪ ମସିହା ପର୍ଯ୍ୟନ୍ତ କେନ୍ଦ୍ରରେ ପ୍ରଧାନମନ୍ତ୍ରୀ ନରସିଂହ ରାଓଙ୍କ ସରକାରରେ



ରେଳ ଓ କୃଷି ମନ୍ତ୍ରୀ ଭାବରେ କାର୍ଯ୍ୟ କରିଥିଲେ। କଟକ-ଚୌଦ୍ୱାରରୁ ସେ ୪ ଥର ବିଧାୟକ ଭାବେ ନିର୍ବାଚିତ ହୋଇଥିଲେ।୧୯୭୧ ରୁ ୧୯୭୩, ୧୯୭୪ ରୁ ୧୯୭୭ , ୧୯୮୦ ରୁ ୧୯୮୫ ଏବଂ ୧୯୯୫ ରୁ ୨୦୦୦ ମସିହା ପର୍ଯ୍ୟନ୍ତ ସେ ୪ ଥର ବିଧାୟକ ଭାବେ ନିର୍ବାଚିତ ହୋଇଥିଲେ । ଜାନକୀବଲ୍ଲଭ ପଟ୍ଟନାୟକଙ୍କ ସରକାର ଓ ଗିରିଧର ଗମାଙ୍ଗ ସରକାରରେ କାହ୍ନୁ ଚରଣ ଲେଙ୍କା କ୍ୟାବିନେଟ ମନ୍ତ୍ରୀ ଭାବେ ଦାୟିତ୍ୱ ନିର୍ବାହ କରିଥିଲେ । ଓଡ଼ିଶାରେ ଶିକ୍ଷ, ରାଜସ୍ୱ, ପରିବହନ, ପଞ୍ଚାୟତିରାଜ ଭଳି ଅନେକ ଗୁରୁତ୍ୱପୂର୍ଣ୍ଣ ବିଭାଗର ମନ୍ତ୍ରୀ *(ପୃଷ୍ଠା ୭ରେ)*

## ଲୋକସଭା ମାର୍ଚ୍ଚ ୯ ଯାଏଁ ମୁଲତବୀ

**ନୂଆଦିଲ୍ଲୀ, ୧୩।୨**

ଲୋକସଭାର ବଜେଟ ଅଧିବେଶନର ପ୍ରଥମ ପର୍ଯ୍ୟାୟ ଶୁକ୍ରବାର ସମାପ୍ତ ହୋଇଛି। ପୀଠାସିନ ଅଧିକାରୀ ସନ୍ଧ୍ୟା ରାୟ ଗୃହକୁ ମାର୍ଚ୍ଚ ୯ ତାରିଖ ପର୍ଯ୍ୟନ୍ତ ମୁଲତବୀ ରଖିଛନ୍ତି। ଏବେ ବଜେଟ ଅଧିବେଶନର ଦ୍ୱିତୀୟ ପର୍ଯ୍ୟାୟ ମାର୍ଚ୍ଚ ୯ ରୁ ଆରମ୍ଭ ହୋଇ ଅପ୍ରେଲ ୨ ତାରିଖ ପର୍ଯ୍ୟନ୍ତ ଚାଲିବ।

ଲୋକସଭା କାର୍ଯ୍ୟ ପୂର୍ବାହ୍ନ ୧୧ ଟାରେ ଆରମ୍ଭ ହେବା ମାତ୍ରେ କଂଗ୍ରେସ ଏବଂ ଅନ୍ୟାନ୍ୟ ବିରୋଧୀ *(ପୃଷ୍ଠା ୭ରେ)*

# ବାଂଲାଦେଶ ନିର୍ବାଚନରେ ବିଏନପିର ବିପୁଳ ବିଜୟ

**ଢାକା, ୧୩।୨**

ବାଂଲାଦେଶର ୧୩ତମ ସଂସଦୀୟ ନିର୍ବାଚନରେ ବାଂଲାଦେଶ ନ୍ୟାସନାଲିଷ୍ଟ ପାର୍ଟି (ବିଏନପି) ଚମତ୍କାର ପ୍ରଦର୍ଶନ କରି ଅଧିକାଂଶ ସିଟ୍ ସହ ଆଗକୁ ବଢୁଥିବା ଜଣାପଡିଛି। ବିଏନପି ଏପର୍ଯ୍ୟନ୍ତ ପାୟ ୨୦୦ ଆସନରେ ବିଜୟ ମୁହାଁ ହୋଇଛି। ଅନ୍ୟପକ୍ଷରେ ପ୍ରତିଦ୍ୱନ୍ଦୀ ଜମାତ ଇ ଇସଲାମୀ ବାଂଲାଦେଶ ୬୮ଟି ଆସନ ଜିତି ପ୍ରମୁଖ ବିପକ୍ଷ ଭାବେ ଉଭା ହୋଇଛି ।

ରିପୋର୍ଟ ଅନୁସାରେ ଏହି ନିର୍ବାଚନ ଫଳାଫଳ ଦେଶ ପାଇଁ *(ପୃଷ୍ଠା ୭ରେ)*

# ପଞ୍ଚାୟତ ନିର୍ବାଚନ ପୂର୍ବରୁ ପୌର ଭୋଟ୍ ହୋଇପାରେ

**ଭୁବନେଶ୍ୱର, ୧୩।୨ : ନ୍ୟୁଜ୍ ବ୍ୟୁରୋ**

ପଞ୍ଚାୟତି ନିର୍ବାଚନ ପୂର୍ବରୁ ପୌର ନିର୍ବାଚନ ହୋଇପାରେ। ରାଜ୍ୟ ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶ ଅନୁସାରେ ସରକାରଙ୍କ ଦ୍ୱାରା ପୂର୍ବରୁ ଘୋଷଣା ହୋଇଥିବା ନୂଆ ଏନ୍ଏସି ଓ ପୌରପରିଷଦ ପାଇଁ ସୀମା ନିର୍ଦ୍ଧାରଣ ତଥା ସଂରକ୍ଷଣ ପାଇଁ ଚିଠା ପ୍ରସ୍ତାବ ପକ୍ରିୟା ଆରମ୍ଭ କରାଯାଇଛି। ଏଥିପାଇଁ ୧୦ ଦିନ ଭିତରେ ଅଭିଯୋଗ ଶୁଣାଣି ପାଇଁ ପରାମର୍ଶ ଦିଆଯାଇଛି। ମାର୍ଚ୍ଚ ୩୧ ତାରିଖ ସୁଦ୍ଧା ଏହାକୁ ଶେଷ କରିବାକୁ କୁହାଯାଇଛି। ଏହି ପରିପ୍ରେକ୍ଷୀରେ ଭଦ୍ରକ ଓ ଗଞ୍ଜାମ ଜିଲ୍ଲାରେ ପ୍ରକ୍ରିୟା ଆରମ୍ଭ ହୋଇଛି। ଭଦ୍ରକ ଜିଲ୍ଲାରେ ଦୁଇ ନୂଆ ଏନଏସିର ସୀମା ନିର୍ଦ୍ଧରଣ ଏବଂ ସଂରକ୍ଷଣ ନେଇ ଚିଠା ପ୍ରସ୍ତାବ ପ୍ରକାଶ ପାଇଛି। ଧୂଷୁରୀ ଏବଂ ତିହିଡ଼ି ଏନଏସି ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ଚିଠା ପ୍ରସ୍ତାବ ପ୍ରକାଶ ପାଇଛି । ଉଭୟ ଏନଏସିରେ ୧୪ ଟି ଲେଖାଏଁ ୱାର୍ଡ ରହିବ। ଉଭୟ ଏନଏସିର ୮ଟି ଆସନ ସଂରକ୍ଷଣ ରହିବା ସହ ୬ଟି ଆସନ ଅଣ ସଂରକ୍ଷଣ ରହିବ । ଧୂଷୁରୀର ସଂରକ୍ଷିତ ଆସନ ମଧ୍ୟରୁ ୫ ଟି ମହିଳା, ଗୋଟିଏ ଅନୁସୂଚିତ, ଗୋଟିଏ ଅନୁସୂଚିତ ମହିଳା ଏବଂ ଅନୁସୂଚିତ ଜନଜାତି ମହିଳାଙ୍କ ପାଇଁ ସଂରକ୍ଷଣ ରହିବ । ସେହିପରି ଘୋଷଣା ହୋଇଥିବା ଗଞ୍ଜାମର ୫ ନୂଆ ଏନଏସି ସୀମା ନିର୍ଦ୍ଧାରଣ ଏବଂ ସଂରକ୍ଷଣ ପାଇଁ ଚିଠା ପ୍ରସ୍ତାବ ପ୍ରକ୍ରିୟା ଆରମ୍ଭ ହୋଇଛି।

## ଆଜିର ମୁଖ୍ୟ ଖବର

- ଝାରଖଣ୍ଡ: ୬ଜଣଙ୍କୁ ଦଳିଦେଲା ହାତୀ ପଲ।
- ଅତିରିକ୍ତ ତହସିଲଦାରଙ୍କୁ ଲାଞ୍ଚ ନେବାବେଳେ ଗିରଫ କରାଗଲା।
- ସୁରକ୍ଷା ବ୍ୟବସ୍ଥା ମଜଭୁତ କରିବା ପଦକ୍ଷେପ।
- ବାଲେଶ୍ୱରରେ ଆନ୍ଧ୍ରମୁଖୀ ତୀର୍ଥଯାତ୍ରୀ ବସ୍ ଦୁର୍ଘଟଣାରେ ଚାଳକ ମୃତ, ଅନେକ ଆହତ।
- ବଲାଙ୍ଗୀରରେ ଚୋରି ଚକ୍ର ଧରାପଡିଲା, ଅନେକ ଅଭିଯୁକ୍ତ ଗିରଫ।
- ବାଲେଶ୍ୱରରେ ଭୟାବହ ଅଗ୍ନିକାଣ୍ଡରେ ଗୋଦାମ ଧ୍ୱଂସ ଲକ୍ଷାଧିକ କ୍ଷତି।

## ସୁନା ଦର

୨୪ କ୍ୟାରେଟ ସୁନା – ପ୍ରତି ଗ୍ରାମ୍ ୧୫,୫୭୮ (-୨୬୨)
୨୨ କ୍ୟାରେଟ ସୁନା – ପ୍ରତି ଗ୍ରାମ୍ ୧୪,୨୮୦ (-୨୪୦)
୧୮ କ୍ୟାରେଟ ସୁନା – ପ୍ରତି ଗ୍ରାମ୍ ୧୧,୬୮୪ (-୧୯୬)

## ରୁପା ଦର

ରୂପା – ପ୍ରତି ଗ୍ରାମ୍ ୨୮୦ (-୨୦)

## ସଡକ ଦୁର୍ଘଟଣାରେ ୭ ମୃତ

**ବେଙ୍ଗାଲୁରୁ, ୧୩।୨**

ଶୁକ୍ରବାର ସକାଳେ ବେଙ୍ଗାଲୁରୁ ଉପକଣ୍ଠସ୍ଥ ହୋସକୋଟେ ତାଲୁକର ଏମ୍. ସତ୍ୟବର ଗ୍ରାମ ନିକଟରେ ଘଟିଥିବା ସଡକ ଦୁର୍ଘଟଣାରେ ମୃତ୍ୟୁ ସଂଖ୍ୟା ୭କୁ ବୃଦ୍ଧି ପାଇଛି।

ପୋଲିସ ସୂଚନା ଅନୁଯାୟୀ, ହୋସକୋଟରୁ ଦେବନାହଲ୍ଲି ଅଭିମୁଖେ ଯାଉଥିବା ଏକ ଦ୍ରୁତଗାମୀ ଏକ୍ସୟୁବି କାର ପ୍ରଥମେ ଏକ ମୋଟରସାଇକେଲକୁ ଧକ୍କା ଦେଇଥିଲା। ଧକ୍କା ପରେ, ଗାଡ଼ିଟି ନିୟନ୍ତ୍ରଣ ହରାଇ ଡିଭାଇଡରରେ ଧକ୍କା ଦେଇଥିଲା ଏବଂ ପରେ ସାମ୍ନା ପାଖରୁ *(ପୃଷ୍ଠା ୭ରେ)*

## ରାହୁଲଙ୍କ ବିରୋଧରେ ସରକାର ପ୍ରସ୍ତାବ ଆଣିବେ ନାହିଁ : ରିଜିଜୁ

**ନୂଆଦିଲ୍ଲୀ, ୧୩।୨**

କେନ୍ଦ୍ର ସରକାର ସଂସଦ ବଜେଟ୍ ଅଧିବେଶନ ସମୟରେ ଅସଂସଦୀୟ ଭାଷାର ବ୍ୟବହାର ପାଇଁ ଲୋକସଭାରେ ନେତା ପ୍ରତିପକ୍ଷ ରାହୁଲ ଗାନ୍ଧୀଙ୍କ ବିରୋଧରେ ବିଶେଷାଧିକାର ଉଲ୍ଲଂଘନର ପ୍ରସ୍ତାବ ଆଣୁନାହିଁ। ଏହି ସମ୍ବନ୍ଧରେ ଏକ ସଦସ୍ୟ ପ୍ରଥମରୁ ନୋଟିସ୍ ଦେଇଛନ୍ତି।

ସଂସଦୀୟ ବ୍ୟାପାର ମନ୍ତ୍ରୀ କିରେନ ରିଜିଜୁ ଶୁକ୍ରବାର ଦିନ ଗଣମାଧ୍ୟମକୁ କହିଛନ୍ତି ଯେ ସରକାର ପ୍ରଥମେ ରାହୁଲ ଗାନ୍ଧୀଙ୍କ ବିରୋଧରେ ପ୍ରସ୍ତାବ ଆଣିବାର ନିଷ୍ପତ୍ତି କରିଥିଲେ, କିନ୍ତୁ ଏବେ ସରକାର ପ୍ରସ୍ତାବ ଆଣିବାକୁ ଯାଉନାହାନ୍ତି। ଏହା ପଛର କାରଣ ଯେ ବିଜେପି ସାଂସଦ ନିଶିକାନ୍ତ ଦୁବେ ପ୍ରଥମେ ଏହି ମାମଲାରେ *(ପୃଷ୍ଠା ୭ରେ)*






# ବର୍ଡରରେ ନିୟୋଜିତ ହେବାକୁ ଯାଉଥିବା ରୋବର୍ଟ ଆର୍ମି ଓଡ଼ିଶାରେ ନିର୍ମାଣ ହେବ



**ଭୁବନେଶ୍ୱର, ୧୩।୨ : ନ୍ୟୁଜ୍ ବ୍ୟୁରୋ**

ଓଡ଼ିଶାରେ ନିର୍ମାଣ ହେବ ବର୍ଡରରେ ନିୟୋଜିତ ହେବାକୁ ଥିବା ରୋବର୍ଟ ଆର୍ମି । ଶିଳ୍ପ ମନ୍ତ୍ରୀ ସମ୍ପଦ ସ୍ୱାଇଁ ଏହି ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ ଓଡ଼ିଆ ଷ୍ଟାର୍ଟଅପ ଆଇଜି ଡ୍ରୋନ ଏହି ରବୋର୍ଟ ଆର୍ମି ନିର୍ମାଣ କରିବ । ଅପରେସନ ସିନ୍ଦୂରରେ ଆଇଜି ଡ୍ରୋନର ଅତ୍ୟାଧୁନିକ ଡ୍ରୋନ ବ୍ୟବହାର ହୋଇଥିଲା । ଯାହା କି ଆମ ପାଇଁ ଗର୍ବର ବିଷୟ । ସେହି କମ୍ପାନୀ ୩୦୦ କୋଟି ର ପୁଞ୍ଜି ନିବେଶ କରିବା ପାଇଁ ଦେଇଥିବା ପ୍ରସ୍ତାବ ରାଜ୍ୟ ସରକାର ଅନୁମୋଦନ ଦେଇଛନ୍ତି । ଏହା ଦ୍ୱାରା ହଜାରରୁ ଅଧିକ ନିଯୁକ୍ତି ସମ୍ଭାବନା ସୃଷ୍ଟି ହେବ। ଏହି କମ୍ପାନୀ ଜରିଆରେ ମଲ୍ଟି ଡ୍ରୋନ ମ୍ୟାନୁଫ୍ୟାକଚରିଂ କରାଯିବ। ସେଥିରେ ସୁଇସାଇଡିଆଲ ଡ୍ରୋନ, ମିଶାଇଲ, ମିଲିଟାରୀ ରୋବର୍ଟ ଏ ସବୁର ମ୍ୟାନୁଫ୍ୟାକଚରିଂ କରିବେ । ସୁଇସାଇଡିଆଲ ଡ୍ରୋନ ଯାହାକି ଡ୍ରୋନରେ ବିସ୍ଫୋରକ ନେଇ ଆଟାକ୍ କରିବ ସେହିଭଳି ଅତ୍ୟାଧୁନିକ ଡ୍ରୋନ ଓଡ଼ିଶାରେ ତିଆରି ହେବ। ମିଲିଟାରୀ ରୋବର୍ଟ ଏଆଇ ଦ୍ୱାରା ବି ମ୍ୟାନୁଫ୍ୟାକଚରିଂ ହେବ। ମିଲିଟାରୀ ରୋବର୍ଟ ବର୍ଡର ଗୁଡିକ ଜଗିବ। ଏହି ପରି ନୂଆ ଟେକ୍ନୋଲୋଜିର ମ୍ୟାନୁଫ୍ୟାକଚରିଂ *(ପୃଷ୍ଠା ୭ରେ)*

ପ୍ରାତଃକାଳୀନ
32 YEARS
ସମ୍ବାଦ କଳିକା

# ରିକଭରି ଏଜେଣ୍ଟ ଗ୍ରାହକଙ୍କୁ ଭୟଭୀତ କରି ଆଦାୟ କରିପାରିବେନି ଋଣ

ଏଣିକି ଋଣ ଆଦାୟ ନାଁରେ ବ୍ୟାଙ୍କ କିମ୍ବା ସେମାନଙ୍କ ଏଜେଣ୍ଟମାନେ ଆଉ ଗ୍ରାହକମାନଙ୍କୁ ଭୟଭୀତ କରିପାରିବେ ନାହିଁ । ଭାରତୀୟ ରିଜର୍ଭ ବ୍ୟାଙ୍କ (RBI) ଗୁରୁବାର ସିଡ୍ୟୁଲ୍ଡ କମର୍ସିଆଲ ବ୍ୟାଙ୍କ (ଆଞ୍ଚଳିକ ଗ୍ରାମୀଣ ବ୍ୟାଙ୍କ ବାଦ ଦେଇ) ଏବଂ ଗୃହ ନିର୍ମାଣ ଆର୍ଥିକ କମ୍ପାନୀ (HFC) ପାଇଁ ଋଣ ଆଦାୟ ସମ୍ପର୍କରେ ନୂତନ ଡ୍ରାଫ୍ଟ ନିୟମ ଜାରି କରିଛି । ନୂଆ ନିୟମ ଅନୁଯାୟୀ, ଏଜେଣ୍ଟମାନଙ୍କ ଦ୍ୱାରା କରାଯାଇଥିବା ପ୍ରତ୍ୟେକ କଲ୍ ରେକର୍ଡ କରାଯିବ ଏବଂ ସେମାନଙ୍କୁ ଗ୍ରାହକମାନଙ୍କ ସହିତ ନମ୍ର ଭାବରେ କଥା ହେବାକୁ ପଡ଼ିବ। ଏହା ବ୍ୟତୀତ, ଶୋକ, ବିବାହ କିମ୍ବା ପର୍ବପର୍ବାଣୀ ସମୟରେ ପୁନରୁଦ୍ଧାର ପାଇଁ ଫୋନ୍ କଲ୍ କିମ୍ବା ଘରକୁ ପରିଦର୍ଶନ ନିଷିଦ୍ଧ କରାଯିବ। ଏହି ନିୟମ ଅନୁଯାୟୀ, ପୁନରୁଦ୍ଧାର ଏଜେଣ୍ଟମାନଙ୍କୁ ଏବେ ସ୍ୱତନ୍ତ୍ର ତାଲିମ ନେବାକୁ ପଡ଼ିବ । ଏହି ନୂତନ ନିର୍ଦ୍ଦେଶାବଳୀ ଚଳିତ ବର୍ଷ ଜୁଲାଇ ୧ ତାରିଖରୁ କାର୍ଯ୍ୟକାରୀ ହେବ । RBI ସ୍ପଷ୍ଟ କରିଛି ଯେ, ବ୍ୟାଙ୍କଗୁଡ଼ିକ ସେମାନଙ୍କର ନିଯୁକ୍ତିପ୍ରାପ୍ତ ଏଜେଣ୍ଟଙ୍କ ଆଚରଣ ପାଇଁ ସିଧାସଳଖ ଦାୟୀ ରହିବେ । ଏହା ବ୍ୟତୀତ, ସନ୍ଧ୍ୟା ୭ଟା ପରେ ଏଜେଣ୍ଟମାନେ ଗ୍ରାହକମାନଙ୍କୁ କଲ୍ କରିବେ ନାହିଁ ବୋଲି ଏକ ନିୟମ କରାଯାଇଛି । RBI ଏହା ମଧ୍ୟ କହିଛି ଯେ, ବ୍ୟାଙ୍କଗୁଡ଼ିକ ନିଶ୍ଚିତ କରିବେ ଯେ ପୁନରୁଦ୍ଧାର ଏଜେଣ୍ଟମାନଙ୍କ ଦ୍ୱାରା ଗ୍ରାହକମାନଙ୍କୁ କରାଯାଇଥିବା ସମସ୍ତ କଲ୍ ରେକର୍ଡ କରାଯାଇଛି । ଏହା ବ୍ୟତୀତ, କେନ୍ଦ୍ରୀୟ ବ୍ୟାଙ୍କ ଗୁରୁତ୍ୱାରୋପ କରିଛି ଯେ ଏଜେଣ୍ଟମାନେ ସର୍ବଦା ନମ୍ର ଭାବରେ ଗ୍ରାହକମାନଙ୍କ ସହିତ କଥା ହେବା ଉଚିତ୍ । ଆରବିଆଇ ଏହି ଉପାୟରେ ଋଣ ଆଦାୟ କରିବ- ଗ୍ରାହକଙ୍କୁ କରାଯାଇଥିବା ପ୍ରତ୍ୟେକ କଲ୍ ରେକର୍ଡ କରାଯିବ, ଯାହା ଦ୍ୱାରା ବିବାଦର ପ୍ରମାଣ ରହିବ । ଏଜେଣ୍ଟମାନଙ୍କୁ ଅପମାନଜନକ କିମ୍ବା ଖରାପ ଭାଷା ବ୍ୟବହାର କରିବାକୁ କଡ଼ା ନିଷେଧ । ପୁନରୁଦ୍ଧାର ଏଜେଣ୍ଟମାନଙ୍କୁ ଏବେ IIBFରୁ ବୃତ୍ତିଗତ ପୁନରୁଦ୍ଧାର ତାଲିମ ନେବାକୁ ପଡ଼ିବ । ମୃତ୍ୟୁ, ବିବାହ କିମ୍ବା ପର୍ବପର୍ବାଣୀ ସମୟରେ ପୁନରୁଦ୍ଧାର ପାଇଁ ଚାପ ଦିଆଯିବ ନାହିଁ। ବ୍ୟାଙ୍କଗୁଡ଼ିକୁ ଏଜେଣ୍ଟମାନଙ୍କୁ ନିଯୁକ୍ତି ଦେବା ପୂର୍ବରୁ ସେମାନଙ୍କର ପୂର୍ବ ରେକର୍ଡ ଯାଞ୍ଚ କରିବାକୁ ପଡ଼ିବ । କୌଣସି ପରିସ୍ଥିତିରେ ଗ୍ରାହକଙ୍କ ତଥ୍ୟ ଲିକ୍ କିମ୍ବା ଅପବ୍ୟବହାର କରାଯିବା ଉଚିତ୍ ନୁହେଁ । ଏହି ନୂତନ ନିର୍ଦ୍ଦେଶାବଳୀ ଚଳିତ ବର୍ଷ ଜୁଲାଇ ୧ରୁ କାର୍ଯ୍ୟକାରୀ ହେବ। କେନ୍ଦ୍ରୀୟ ବ୍ୟାଙ୍କ ଏହା ମଧ୍ୟ ପ୍ରସ୍ତାବ ଦେଇଛି ଯେ ପରିବାରରେ ମୃତ୍ୟୁ, ଏକ ବଡ଼ ବିପର୍ଯ୍ୟୟ, କିମ୍ବା ବିବାହ କିମ୍ବା ପର୍ବ ଭଳି 'ବିଶେଷ ଅବସରରେ' ଋଣ ଆଦାୟ ପ୍ରୟାସ କରାଯିବା ଉଚିତ୍ ନୁହେଁ । ନିୟମଗୁଡ଼ିକ ଏହା ମଧ୍ୟ ଉଲ୍ଲେଖ କରେ ଯେ, ଯଦି ଜଣେ ଗ୍ରାହକଙ୍କ ଋଣ ମାମଲା କୋର୍ଟରେ ବିଚାରାଧୀନ ଥାଏ, ତେବେ ବ୍ୟାଙ୍କଗୁଡ଼ିକୁ କର୍ମଚାରୀ କିମ୍ବା ଏଜେଣ୍ଟଙ୍କୁ ଋଣ ପ୍ରଦାନ କରିବା ସମୟରେ ଅତ୍ୟନ୍ତ ସତର୍କତା ଅବଲମ୍ବନ କରିବାକୁ ପଡ଼ିବ । ପ୍ରସ୍ତାବିତ ନିୟମ ଅନୁଯାୟୀ, ବ୍ୟାଙ୍କଗୁଡ଼ିକ ନିଶ୍ଚିତ କରିବେ ଯେ ଏଜେଣ୍ଟ କିମ୍ବା କର୍ମଚାରୀଙ୍କ ଦ୍ୱାରା ରଖାଯାଇଥିବା ଗ୍ରାହକଙ୍କ ବ୍ୟକ୍ତିଗତ ସୂଚନାର ଅପବ୍ୟବହାର ନହୁଏ । ବ୍ୟାଙ୍କଗୁଡ଼ିକ ଦ୍ୱାରା ନିଯୁକ୍ତ ପୁନରୁଦ୍ଧାର ସଂସ୍ଥାଗୁଡ଼ିକର କର୍ମଚାରୀମାନଙ୍କୁ ସମ୍ପୂର୍ଣ୍ଣ ଯାଞ୍ଚ କରାଯିବା ଉଚିତ୍। ଏହି ଯାଞ୍ଚ ଏଜେଣ୍ଟଙ୍କୁ ନିଯୁକ୍ତ କରିବା ପୂର୍ବରୁ ଏବଂ ପରେ ଉଭୟ ସମୟରେ କରାଯିବା ଉଚିତ୍ ।

# ଭାଲେଣ୍ଟାଇନ ଡେ – ଏକ ବ୍ୟକ୍ତିର ମୃତ୍ୟୁ ଦିବସର ଦିନ



ଡକ୍ଟର ଅମୂଲ୍ୟ କୁମାର ପଣ୍ଡା
ଅରଙ୍ଗାବାଦ, ବରୀ, ଯାଜପୁର
ମୋ - ୮୨୪୯୫୦୨୭୭୬

ଆମେ ଜାଣିଛନ୍ତି ଯେ ଗୋଟିଏ ଦେଶର ସଂସ୍କୃତି ଅନ୍ୟ ଦେଶର ସଂସ୍କୃତିଠାରୁ ଫରକ ହୋଇଥାଏ । ତେବେ ଯେଉଁଠି ଗୋଟେ ଦେଶର ସଂସ୍କୃତି ଅନ୍ୟ ଏକ ଦେଶରେ ପ୍ରସାରିତ ହୁଏ, ସେଠି ବିରୋଧାଭାଷ ହେବା ସ୍ୱାଭାବିକ, କାରଣ ସଂସ୍କୃତି ହେଉଛି ଗୋଟିଏ ଜାତିର ଆଦର୍ଶ, ଗର୍ବ ଓ ଗୌରବ ଆଉ ତାକୁ ଅବଜ୍ଞା କରି ଅନ୍ୟ କୌଣସି ସଂସ୍କୃତିକୁ ଗ୍ରହଣ କଲେ ଭାଙ୍ଗିଯାଏ ଆପଣା ସଂସ୍କୃତିର ମୌଳିକତା। ଇତିହାସ କହେ ଭାରତବର୍ଷ ଥିଲା ସଂସ୍କୃତି, ସଂସ୍କାର ଓ ସାଧନାର ଦିବ୍ୟଭୂମି । କିନ୍ତୁ ଏବେ ଆଧୁନିକ ଶିକ୍ଷାର ପ୍ରସାର ତଥା ପଶ୍ଚିମା ସଂସ୍କୃତିକୁ ଆପଣେଇ ନେବାର ଦୁଷ୍ଟ ମାନସିକତା ଆମ ପରମ୍ପରା ଓ ସଂସ୍କୃତିକୁ କରିଛି ଅବକ୍ଷୟ ଓ ଅପମାନ ଆଉ ଏହି ଅନ୍ୟ ବିଦେଶୀ ଉଦ୍ଭଟ ସଂସ୍କୃତି ଧୀରେ ଧୀରେ କର୍କଟ ରୋଗ ଭଳି ଗ୍ରାସ କରିଚାଲିଛି ଆମ ବର୍ତ୍ତମାନ ଓ ଆଗାମୀ ଯୁବପିଢ଼ି ମାନଙ୍କୁ। ଉକ୍ତ ପାଶ୍ଚାତ୍ୟ ସଂସ୍କୃତିକୁ ଆଜିର ଯୁବପିଢି ମନେ ରଖିଥିବା ବେଳେ ଆମ ପରମ୍ପରା ଓ ସଂସ୍କୃତିକୁ ଆଦୌ ଜାଣି ନାହାଁନ୍ତି କି ବୁଝି ନାହାଁନ୍ତି କହିଲେ ଅତ୍ୟୁକ୍ତି ହେବନାହିଁ । ଏହି ଯେପରି ଆମ ଦେଶର ହିନ୍ଦୁ ନବବର୍ଷ, ଓଡ଼ିଆ ନବବର୍ଷ, ସଂକ୍ରାନ୍ତି, ପୂର୍ଣ୍ଣମୀ, ମହାପୁରୁଷମାନଙ୍କ ଜୟନ୍ତୀ, ଜାତୀୟ ଦିବସ, ପରମ୍ପରା ଓ ଆମ ସଂସ୍କୃତି କଣ ସେମାନେ ଜାଣି ନଥିବେ କିନ୍ତୁ ଅନ୍ୟ ଦେଶରୁ ଆସିଥିବା ଭାଲେଣ୍ଟାଇନଡେକୁ ଭଲ ଭାବରେ ଜାଣିଥିବେ ଆଉ ସେ ଦିବସ କେବେ ଆସିବ ସେ ଦିନ ଗଣୁଥିବାବେଳେ ନିଜ ପରମ୍ପରାର ଦିବସ ଯାଇ ସାରିବା ପରେ ମଧ୍ୟ ପଚାରିଲେ ଦିବସଟି କଣ ଜାଣି ନଥିବେ। ଆଉ ଏକଥା ସତ୍ୟ ଯେ ଏହି ଭାଲେଣ୍ଟାଇନ ଦିବସ କାହିଁକି ପାଳନ କରାଯାଏ ଓ ଏହା ପଛରେ କି କାହାଣୀ ଅଛି ସେମାନେ ଜାଣି ନ ଥିବେ ଖାଲି ଅନୁକରଣୀୟ ଭାବେ ଏହି ଦିବସକୁ ପାଳନ କରିବାକୁ ଅନେଇ ବସିଥିବେ। ଆଉ ଏହି ଇଚ୍ଛାଶକ୍ତି ନେଇ ଆପଣା ସଂସ୍କୃତିକୁ ଅଣଦେଖା କରି ସେମାନେ ଏବେ ଖୁବ୍ ଆନନ୍ଦ ଓ ଉଲ୍ଲାସର ସହିତ ପାଳନ କରିଚାଲିଛନ୍ତି ଇଂରାଜୀ ନୂଆବର୍ଷ ଓ ବଡ଼ଦିନ ଇତ୍ୟାଦି ଅନେକ ବିଦେଶୀ ଉତ୍ସବ ସହ ଭାଲେଣ୍ଟାଇନ ଦିବସ । ବିଶେଷକରି ସେମାନଙ୍କୁ ଏବେ ଘାରିଛି 'ଭାଲେଣ୍ଟାଇନ ଡେ' ବା ପ୍ରେମ ଦିବସ ପାଳନ କରିବାର ଉତ୍କଟ ନିଶା। କିନ୍ତୁ ପ୍ରକୃତ ପ୍ରେମ କଣ ସିଏ ଜାଣି ନାହାଁନ୍ତି କି ଆମ ଧର୍ମ, ପରମ୍ପରା, ସଂସ୍କୃତି ଓ ଶାସ୍ତ୍ରରେ ଥିବା ପ୍ରକୃତ ପ୍ରେମ କାହାଣୀକୁ ବୁଝିବାକୁ କେବେ ଚେଷ୍ଟା କରି ନାହାଁନ୍ତି ଆଉ ଏ ବିଷୟରେ ସେମାନଙ୍କ ଅଭିଭାବକ ବି କେବେ ଜଣାଇବାକୁ ଚେଷ୍ଟା କରିନାହାନ୍ତି । ଯେଉଁଥିପାଇଁ ଆଜି ଆମ ପରମ୍ପରା ଆଉ ସଂସ୍କୃତି ଠାରୁ ବହୁତ ଦୂରରେ ଯୁବପିଢ଼ି ଓ ଅପସଂସ୍କୃତିର ମାୟାଜାଲରେ ସମ୍ପୂର୍ଣ୍ଣ ଛନ୍ଦି ହୋଇ ଅସତ୍ ମାର୍ଗ ଅପଣାଇବାକୁ ପଛାଉନାହାନ୍ତି।

ତେବେ ଏହି ଭାଲେଣ୍ଟାଇନ ଡେ ପାଇଁ ଦୁଇଟି ପାଶ୍ଚାତ୍ୟ ଲୋକକଥା ଅଛି ଯାହା ଜାଣିବା ଆବଶ୍ୟକ । କାରଣ ଏହି ଦିବସକୁ ପ୍ରେମ ଭଳି ପୁଣ୍ୟ ଶବ୍ଦ ଦେବା କେତେଦୂର ଯୁକ୍ତି ଯୁକ୍ତ ତାହା ଏହି କାହାଣୀରୁ ଅନୁମେୟ ତଥା ଏହି ଦିବସ ଆଦୌ କୌଣସି ପ୍ରେମ ଦିବସ ନୁହଁ ଏହା ଏକ ବ୍ୟକ୍ତିର ମୃତ୍ୟୁ ଦିବସ ମାତ୍ର। ଭାଲେନଷ୍ଟାଇନ ନାମକ ଜଣେ ବ୍ୟକ୍ତିଙ୍କ ପାଇଁ ଏହି ଦିନ ଜଣେ ଦୁଷ୍ଟ ରାଜା ଓ କୃପାଳୁ ଭାଲେନଷ୍ଟାଇନଙ୍କ ମଧ୍ୟରେ ଯୁଦ୍ଧ ହୋଇଥିଲା। ଯୁଦ୍ଧର କାରଣ ରୋମର ରାଜା ଥିଲେ। ରାଜାଙ୍କ ଅନୁସାରେ ପୁରୁଷଙ୍କର ବିବାହ ପରେ ସବୁ ଶକ୍ତି ଓ ବୁଦ୍ଧି ନଷ୍ଟ ହୋଇଯାଏ। ଏହି କାରଣରୁ ସେ ତାଙ୍କ ରାଜ୍ୟରେ ଘୋଷଣା କରିଥିଲେ ଯେ କୌଣସି ସୈନିକ ଓ ସେନାଅଧିକାରୀ ବିବାହ କରିବେ ନାହିଁ। କିନ୍ତୁ ଭାଲେନଷ୍ଟାଇନ ରାଜାଙ୍କ ବିରୁଦ୍ଧରେ ଯାଇ ରାଜ୍ୟରେ ସମସ୍ତଙ୍କୁ ବିବାହ କରିବା ପାଇଁ ଉପଦେଶ ଦେଉଥିଲେ। ରାଜ୍ୟରେ ଅନେକ ସୈନିକ ଓ ଅଧିକାରୀଙ୍କର ବିବାହ ମଧ୍ୟ କରାଇଥିଲେ ଭାଲେନଷ୍ଟାଇନ। ତେବେ ରାଜା ଭାଲେନଷ୍ଟାଇନଙ୍କ ଉପରେ ରାଗି ତାଙ୍କୁ ୨୬୯ ମସିହା, ଫେବୃଆରୀ ୧୪ ତାରିଖରେ ଫାଶି ଦଣ୍ଡ ଦେଇଥିଲେ। ଏହି କାରଣରୁ ଫେବୃଆରୀ ୧୪ ତାରିଖରେ ଭାଲେନଷ୍ଟାଇନଙ୍କ ସ୍ମରଣରେ ଭାଲେନଷ୍ଟାଇନ ଡେ ପାଳନ କରାଯାଏ ବୋଲି ଲୋକକଥା ରହିଛି ।

ପ୍ରକୃତ ପ୍ରେମର ସଂଜ୍ଞା ବହୁତ୍ ମୂଲ୍ୟବାନ୍ । ପ୍ରେମ ଦୁଇ ହୃଦୟର ମିଳନ । ପ୍ରେମରେ ପଡିଥିବା ମଣିଷ ଜାତି , ଧର୍ମ ଓ ବର୍ଣ୍ଣର ବାଛ ବିଚାର ରଖେ ନାହିଁ । ଏହା କେତେବେଳ, କିପରି ଓ କାହା ସହ ହୋଇଥାଏ ତାହା କାହାକୁ ମଧ୍ୟ ଜଣାନାହିଁ । ପ୍ରେମର ସଂଜ୍ଞା ତୀବ୍ର ଗତିରେ ପରିବର୍ତ୍ତନ ଘଟୁଛି । ଏହା ତ୍ୟାଗ ଉପରେ ପର୍ଯ୍ୟବେଶିତ ନହୋଇ ଭୋଗ , ଦିଆନିଆ ବ୍ୟାପର ଉପରେ ପର୍ଯ୍ୟବେଶିତ । ଏହିଭଳି କିଛି କଦର୍ଥ କାର୍ଯ୍ୟ କଳାପ ଯୋଗୁଁ ଆଜି ପ୍ରେମର ସଂଜ୍ଞା ଆଜି ବଦଳିଯାଇଛି । ପ୍ରେମ ଶାଶ୍ୱତ, ପ୍ରେମ ଚିରନ୍ତନ, ପ୍ରେମ ନୈସର୍ଗିକ । ପ୍ରେମ ପାଇବାରେ ଥାଏ, ଥାଏବି ହରାଇବାରେ । ସଂସାର ଓ ସମାଜରେ ସମସ୍ତଙ୍କ ପାଇଁ କେବଳ ଉତ୍ସର୍ଗ ହିଁ ପ୍ରେମ । ପରସ୍ପର ପ୍ରତି ଥିବା ଆବେଗ ଓ ଅନାବିଳତା ପ୍ରକାଶରେ ଏହା ହିଁ ପ୍ରକୃଷ୍ଟ ମାଧ୍ୟମ । ତେବେ ପ୍ରେମର ନିଦର୍ଶନ କେବଳ ପାଶ୍ଚାତ ସଂସ୍କୃତିରେ ନୁହେଁ ବରଂ ଭାରତୀୟ ସଂସ୍କୃତିରେ ମଧ୍ୟ ନିଚ୍ଛକ ଉଦାହରଣ ଭରି ରହିଛି । ସବୁ ଧର୍ମ, ପରମ୍ପରା ଓ ସଂସ୍କୃତିରେ ପ୍ରତିପାଦିତ ହୋଇଛି ପ୍ରେମର ମହତ୍ତ୍ୱ। ଭାରତୀୟ ପୌରାଣିକ ଶାସ୍ତ୍ରରେ ରାଧା-କୃଷ୍ଣ, ଶିବ -ପାର୍ବତୀ, ରାମ-ସୀତା, ରତି-କାମଦେବ, ସାବିତ୍ରୀ-ସତ୍ୟବାନ ଓ ଦୁଷ୍ମନ୍ତ-ଶକୁନ୍ତଳା, ଆଦି ପ୍ରେମ କାହାଣୀରେ ରହିଛି ପ୍ରେମର ସର୍ବୋଚ୍ଚ ଉପଲବ୍ଧି। ଆମ ଇତିହାସ ଓ ଲୋକକଥାରେ ମଧ୍ୟ ଅମର ହୋଇ ରହିଛି ପୃଥ୍ୱୀରାଜ-ସଂଯୁକ୍ତା, କେଦାର-ଗୌରୀଙ୍କ ପ୍ରେମ କାହାଣୀ। ଏସବୁ ପ୍ରେମ କାହାଣୀରେ ପ୍ରେମର ଉପସ୍ଥିତି ନୁହେଁ, ବରଂ ସମାଜକୁ ଦେଇଛି ଶିକ୍ଷା, ସଚେତନତା ଓ ସାମାଜିକ ମୂଲ୍ୟବୋଧର ବାର୍ତ୍ତାବହ । ରାଧା କୃଷ୍ଣଙ୍କ ପ୍ରେମ ତ ସର୍ବୋଚ୍ଚ ଯେଉଁଠି ମିଳନ, ବିଚ୍ଛେଦ, ବିଦଗ୍ଧ, ବିଶ୍ୱସନୀୟତା, ସମର୍ପଣର କେବଳ ବାର୍ତ୍ତା ବହନ କରେ। ଏହାଠାରୁ ଶକ୍ତିଶାଳୀ ପ୍ରେମ ଆଉ କେଉଁଠି ଦେଖିବାକୁ ମିଳେ ନାହିଁ। ତେବେ ବିଦେଶୀ ସଂସ୍କୃତି ବହନ କରୁଥିବା ଏହି ଭାଲେଣ୍ଟାଇନ ଦିବସ ବର୍ତ୍ତମାନର ଯୁବପିଢ଼ିକୁ ବାଇଆ କରୁଥିବା ବେଳେ ତଥା ଏହି ଦିବସକୁ ଉତ୍ସାହର ସହିତ ପାଳନ କରୁଥିବା ବେଳେ ଅନେକ ଏହାର ବିରୋଧା ଭାଷ ମଧ୍ୟ କରନ୍ତି । ବିଶେଷତଃ ବଜରଙ୍ଗ ଦଳ ଓ କଳିଙ୍ଗ ସେନା ଭଳି ସଙ୍ଗଠନ ଏହି ପ୍ରଥାର ଘୋର ବିରୋଧ କରନ୍ତି । ସେମାନଙ୍କ ମତରେ ପାଶ୍ଚାତ୍ୟ ସଂସ୍କୃତିରେ ପ୍ରଭାବିତ ହୋଇ ଏହି ଦିବସ ପାଳନ ଆମ ଭାରତୀୟ ସଂସ୍କୃତି ପ୍ରତି ଅବମାନନା ସହ ତୁଳନୀୟ । ସେମାନଙ୍କ କଥା ବି ଯୁକ୍ତି ଯୁକ୍ତ କହିଲେ ଅତ୍ୟୁକ୍ତି ହେବ ନାହିଁ। ପ୍ରେମ ଖାଲି ପୁଅ ଝିଅ ମଧ୍ୟରେ ସମ୍ପର୍କ ନୁହଁ- ପ୍ରେମ ପିତାମାତା, ଭାଇ ଭଉଣୀ, ଦେଶ ପ୍ରୀତି, ସମାଜ ପ୍ରୀତି ସହିତ ରହିବା ଦରକାର ଯାହା ଆମ ସଂସ୍କୃତି ଓ ପରମ୍ପରା ଆମକୁ ଶିଖାଇଛି।

# ସାମାଜିକ ଐକ୍ୟ ଓ ଅର୍ଥନୈତିକ ଅଭିବୃଦ୍ଧି



ମନୋରଞ୍ଜନ ମହାନ୍ତି
ଇଂରାଜୀ ପ୍ରାଧ୍ୟାପକ
(ଅବସରପ୍ରାପ୍ତ)
ଧର୍ମଶାଳା, ଯାଜପୁର
ମୋ-୯୮୫୩୨୮୨୯୬୨

ହାର୍ଭାର୍ଡ଼ ବିଶ୍ୱବିଦ୍ୟାଳୟର ଗବେଷକ ଡାନି ରୋଡ୍ରିକ୍ କହନ୍ତି, 'ସାମାଜିକ ସଂଘର୍ଷକୁ ସମାଧାନ କରିବାର ଦକ୍ଷତା ଉପରେ କୌଣସି ରାଷ୍ଟ୍ରର ଅର୍ଥନୈତିକ ଅଭିବୃଦ୍ଧି ନିର୍ଭର କରେ।' ଅନେକ ସମୟରେ ଭିନ୍ନଭିନ୍ନ ଧର୍ମାନୁଗାମୀଙ୍କ ମଧ୍ୟରେ ଧର୍ମସ୍ଥଳକୁ କେନ୍ଦ୍ର କରି ସଂଘର୍ଷ ଉପୁଜିଥାଏ, ଯାହାର କୁପ୍ରଭାବ ଆମ ଅର୍ଥନୀତି ଉପରେ ମଧ୍ୟ ପଡ଼ିଥାଏ। ତେଣୁ ସମଗ୍ର ମାନବଜାତି ଗୋଟିଏ ଧର୍ମ 'ମାନବ-ଧର୍ମ'କୁ ସବୁ ଧର୍ମର ଊର୍ଦ୍ଧ୍ୱ ଅର୍ଥାତ୍ ସର୍ବୋଚ୍ଚ ବିଚାର କଲେ ସମୂହ-ଜୀବନ ସମୃଦ୍ଧ ହେବା ନିଶ୍ଚିତ ।

ଶ୍ରୀ ଶଙ୍କରାଚାର୍ଯ୍ୟଙ୍କ ଅଦ୍ୱୈତ ବେଦାନ୍ତ ତତ୍ତ୍ୱ 'ଅହଂ ବ୍ରହ୍ମାସ୍ମି', 'ତତ୍ ତ୍ୱମ୍ ଅସି' ଅର୍ଥାତ୍ 'ମୁଁ ବ୍ରହ୍ମ, ସମସ୍ତେ ବ୍ରହ୍ମ'ର ଦୃଢ଼ ସମର୍ଥକ ଥିଲେ ଶ୍ରୀ ନାରାୟଣ ଗୁରୁ। କେରଳର କାଲାଭାଙ୍କୋଡ଼େରେ ତାଙ୍କ ଦ୍ୱାରା ପ୍ରତିଷ୍ଠିତ ଏକ ମନ୍ଦିରରେ ସେ କୌଣସି ଦେବ ବିଗ୍ରହଙ୍କୁ ସଂସ୍ଥାପନ କରିନଥିଲେ, ରଖିଥିଲେ କେବଳ ଗୋଟିଏ ଦର୍ପଣ । ଦର୍ଶନାଭିଳାଷୀମାନେ ମନ୍ଦିରକୁ ଯାଇ ଦର୍ପଣରେ ନିଜ ନିଜର ପ୍ରତିବିମ୍ବକୁ ଦର୍ଶନ କରୁଥିଲେ । ଶ୍ରୀ ନାରାୟଣ ଗୁରୁଙ୍କର ବାର୍ତ୍ତା ଥିଲା, 'ନିଜକୁ ଦେଖ। ତୁମେ ବ୍ରହ୍ମ। ଈଶ୍ୱର ତୁମ ଭଳି ପ୍ରତ୍ୟେକ ଜୀବର ଅନ୍ତରରେ ଅଛନ୍ତି। ସମସ୍ତ ଜୀବ ହିଁ ବ୍ରହ୍ମ। କେବଳ ଆତ୍ମାନୁଭବ ବଳରେ ଜୀବ ମୁକ୍ତ ହେବ ।' ଠିକ୍ ସେହିଭଳି ମୁରିକ୍କୁମ୍ପୁଝାରେ ପ୍ରତିଷ୍ଠିତ ଆଉ ଏକ ମନ୍ଦିରରେ କୌଣସି ଦେବ ବିଗ୍ରହଙ୍କୁ ସଂସ୍ଥାପନ ନକରି ସେ ରଖିଥିଲେ ଗୋଟିଏ ଉଜ୍ଜ୍ୱଳ ଆଲୁଅ ଓ ଲେଖିଥିଲେ ଚାରୋଟି ଶବ୍ଦ 'ସତ୍ୟ, କର୍ମ, ଦୟା, ଶ୍ରଦ୍ଧା', ଯାହା ସେହି ଆଲୁଅର ଉଜ୍ଜ୍ୱଳତାରେ ସ୍ପଷ୍ଟ ଦୃଶ୍ୟ ହେଉଥିଲା। ସମସ୍ତ ଶ୍ରେଣୀ, ଜାତି, ଧର୍ମର ଲୋକଙ୍କ ପାଇଁ ତାଙ୍କର ମନ୍ଦିର ଦୁଇଟି ସବୁବେଳେ ଖୋଲା ଥିଲା। ମାଲୟାଲାମ୍, ତାମିଲ୍ ଓ ସଂସ୍କୃତ ଭାଷାରେ ସେ ଅନେକ ବହି ଲେଖିଥିଲେ। କୋରାନ୍ ସମ୍ପର୍କରେ ତାଙ୍କର ଲେଖାଗୁଡ଼ିକୁ ମୁସଲମାନ୍‌ମାନେ ପସନ୍ଦ କରୁଥିଲେ। ଥରେ ଜଣେ ଯୁବ ଖ୍ରୀଷ୍ଟିୟାନ୍ ଧର୍ମପ୍ରଚାରକ ତାଙ୍କୁ ଖ୍ରୀଷ୍ଟଧର୍ମରେ ଦୀକ୍ଷିତ ହେବାକୁ କହିବାରୁ ସେ ଉତ୍ତର ଦେଲେ, 'ମୁଁ ବି ଜଣେ ଖ୍ରୀଷ୍ଟିୟାନ୍ ।' ୧୯୨୧ ବର୍ଷରେ ଏକ ସମ୍ମିଳନୀରେ ସେ ଘୋଷଣା କଲେ, 'ମାନବଜାତି ପାଇଁ ଏକ ଜାତି, ଏକ ଧର୍ମ, ଏକ ଈଶ୍ୱର ।' ଭୋକିଲା ଲୋକଙ୍କୁ ଆଧ୍ୟାତ୍ମିକତା ଶିକ୍ଷା ଦିଆଯାଇପାରିବ ନାହିଁ ବୋଲି ସେ ଜାଣିଥିଲେ, ତେଣୁ କହୁଥିଲେ, "ଶିକ୍ଷା ଓ ସମ୍ବଳ ଉଭୟ ଆବଶ୍ୟକ। ଶିକ୍ଷିତ ହେଲେ ତୁମେ ସ୍ୱାଧୀନ ହେବା ସଂଗଠିତ ହେଲେ ଶକ୍ତିଶାଳୀ ହେବ । ଶିଳ୍ପାୟନ କଲେ ତୁମର ଆର୍ଥିକ ସ୍ଥିତି ଉନ୍ନତ ହେବ।" ତାଙ୍କର କାମ ଓ କଥାଗୁଡ଼ିକ ମହାତ୍ମାଗାନ୍ଧି ଓ ରବୀନ୍ଦ୍ରନାଥ ଠାକୁରଙ୍କର ଖୁବ୍ ମନପସନ୍ଦ ହୋଇପାରିଥିଲା ।

ଜୈନଧର୍ମର ପ୍ରଥମ ତୀର୍ଥଙ୍କର ଋଷଭଦେବ ମଣିଷ-ଜୀବନର ଯେଉଁ ୬ଟି ଦିଗ ଉପରେ ଗୁରୁତ୍ୱାରୋପ କରିଥିଲେ, ତାହା ହେଉଛି, ୧. ଅସି (ସୁସ୍ଥତା, ଆତ୍ମରକ୍ଷା ପାଇଁ ଶରୀର ସାଧନା), ୨. ମସୀ (କଳା, ସଂସ୍କୃତି, ଲିଖନ ଦକ୍ଷତା, ସାହିତ୍ୟ, ଶିକ୍ଷା), ୩. କୃଷି, ୪. ବିଦ୍ୟା (ଜ୍ଞାନ ଓ ପ୍ରଶିକ୍ଷଣ), ୫. ବାଣିଜ୍ୟ, ବ୍ୟବସାୟ, ୬. ଶିଳ୍ପକଳା (ସ୍ଥାପତ୍ୟ, ହସ୍ତଶିଳ୍ପ, ଦକ୍ଷତା ବିକାଶ) । ତାଙ୍କର ବଡ଼ପୁଅ ବାହୁବଳୀ ଜାତି ଧର୍ମ ବର୍ଣ୍ଣ ନିର୍ବିଶେଷରେ ସମସ୍ତଙ୍କର ସେବା, ହିତ ସାଧନ ଉପରେ ଗୁରୁତ୍ୱ ଦେବା ସହିତ ସୁସ୍ଥ, ବଳଶାଳୀ, କର୍ମଠ ହେବାକୁ ହଠଯୋଗ ଓ କୁସ୍ତି କସରତ ଭଳି ଗ୍ରାମ୍ୟ କ୍ରୀଡ଼ାର ପ୍ରସାର ପାଇଁ ଉଦ୍ୟମ କଲେ। ଚବିଶତମ ତୀର୍ଥଙ୍କର ମହାବୀର ଯାବତୀୟ କୁସଂସ୍କାର, ଅନ୍ଧବିଶ୍ୱାସ, ଜାତିପ୍ରଥା, ଲିଙ୍ଗଭେଦ, ସତୀଦାହ, ପଶୁବଳିକୁ ପ୍ରତ୍ୟାଖ୍ୟାନ କରିବା ସହିତ ଅହିଂସା, ଦୟା ଓ ବିଜ୍ଞାନସମ୍ମତ ବିଚାରକୁ ପ୍ରୋତ୍ସାହନ ଦେଲେ ଓ ସମ୍ପୂର୍ଣ୍ଣ ଐକ୍ୟ ଆଧାରରେ ଏକ ଅର୍ଥନୈତିକ, ରାଜନୈତିକ, ସାମାଜିକ ନ୍ୟାୟ ଆନ୍ଦୋଳନର ପ୍ରସାର କଲେ । 'ସୋକା ଗାକ୍କାଇ ବୌଦ୍ଧ ସଂଗଠନ'ର ପ୍ରତିଷ୍ଠାତା ଅଧକ୍ଷ ସୁନେସାବୁରୋ ମାକିଗୁଚି ତାଙ୍କର ୧୯୦୩ ବର୍ଷରେ ପ୍ରକାଶିତ 'ଏ ଜେଓଗ୍ରାଫି ଅଫ୍ ହ୍ୟୁମାନ୍ ଲାଇଫ୍' ପୁସ୍ତକରେ ସାମ୍ରାଜ୍ୟବାଦ, ଉପନିବେଶବାଦ, ଅର୍ଥନୈତିକ ପ୍ରତିଦ୍ୱନ୍ଦ୍ୱିତା ବିରୋଧରେ ମାନବ-ଜାତିକୁ ସତର୍କ କରାଇ ମତ ଦେଲେ ଯେ ପ୍ରତ୍ୟେକ ବ୍ୟକ୍ତି ଓ ରାଷ୍ଟ୍ର ମାନବିକ, ମହାନୁଭବ ବିଚାର ଆଧାରରେ ନିଜର ଜୀବନ ସହିତ ଅନ୍ୟମାନଙ୍କର ଜୀବନକୁ ସୁରକ୍ଷିତ, ସମୁନ୍ନତ କରିବାକୁ ଉଦ୍ୟମ କଲେ ବିଶ୍ୱର ମଙ୍ଗଳ ହେବ। ଆମ ଶାସ୍ତ୍ରରେ ପାଞ୍ଚ ପ୍ରକାର ଯଜ୍ଞାନୁଷ୍ଠାନ ପାଇଁ ଆମକୁ କୁହାଯାଇଛି । ଋଷି ଯଜ୍ଞରେ ଜ୍ଞାନଦାୟୀ ଋଷି, ପିତୃଯଜ୍ଞରେ ପୂର୍ବପୁରୁଷମାନଙ୍କ ପ୍ରତି କୃତଜ୍ଞତା ପ୍ରକାଶ କରିବା ସହିତ ଅତିଥି ଯଜ୍ଞରେ ଅତିଥି, କ୍ଷୁଧାର୍ତ୍ତ, ଭୂତଯଜ୍ଞରେ ପଶୁପକ୍ଷୀମାନଙ୍କର ସେବା କରିବା ଏବଂ ଦେବଯଜ୍ଞରେ ଅଗ୍ନି, ବରୁଣ, ବାୟୁ ଦେବତାମାନଙ୍କ ପ୍ରତି କୃତଜ୍ଞତା ପ୍ରକଟ କରିବା, ଯେହେତୁ ଆଲୋକ, ଉତ୍ତାପ, ଜଳ, ବାୟୁ ଆମ କୃଷି ପାଇଁ ପ୍ରୟୋଜନୀୟ ଓ କୃଷି ଆମ ଅର୍ଥନୀତିର ମୂଳାଧାର ଭାବରେ ଗ୍ରହଣୀୟ ।

୧୮୮୮ ବର୍ଷରେ ମୋହନଦାସ କରମଚାନ୍ଦ ଗାନ୍ଧି ଲଣ୍ଡନ୍‌ର ଫ୍ଲିଟ୍ ଷ୍ଟ୍ରୀଟ୍‌ରେ ଥିବା ନିରାମିଷ ଭୋଜନାଳୟ 'ସେଣ୍ଟ୍ରାଲ୍ ଭେଜିଟାରିଆନ୍ ରେଷ୍ଟୁରାଣ୍ଟ'ରେ ପ୍ରଥମ ମିଲ୍ ଖାଇଥିଲେ ଓ ସେଠାରେ କିଣିଥିଲେ ହେନରୀ ସଲ୍ଟଙ୍କ ଲିଖିତ ବହି 'ଏ ପ୍ଲି ଫର୍ ଭେଜିଟାରିଆନିଜିମ୍' । ବହିଟିରେ ନିରାମିଷ ଖାଦ୍ୟ, ପ୍ରାକୃତିକ ଚିକିତ୍ସା (ନେଚର୍ ଥେରାପି), ପଶୁପକ୍ଷୀଙ୍କ ଅଧିକାର, ଉପନିବେଶବାଦ ବିରୋଧୀ ଦୃଷ୍ଟି ସମେତ ଥିଓସୋଫି, ଫେମିନିଜିମ୍ ସମ୍ବନ୍ଧୀୟ ଆଲୋଚନା ପଢ଼ି ଖୁବ୍ ପ୍ରଭାବିତ ହୋଇଥିଲେ । ଆଉ ଏକ ନିରାମିଷ ଭୋଜନାଳୟ 'ଦି ପୋରିଜ୍ ବଉଲ୍'ରେ ତାଙ୍କର ସାକ୍ଷାତ ହୋଇଥିଲା ଲଣ୍ଡନ୍ 'ଭେଜିଟାରିଆନ୍ ସୋସାଇଟି ଜର୍ଣ୍ଣାଲ୍'ର ସଂପାଦକ ଡ. ଜୋସିଆ ଓଲ୍ଡଫିଲ୍ଡଙ୍କ ସହିତ । ପରବର୍ତ୍ତୀ ସମୟରେ ସେ ଭେଟିଥିଲେ ଶ୍ରୀମଦ୍ ଭଗବତ୍ ଗୀତାର ଅନୁବାଦକ ସାର୍ ଏଡ୍‌ୱିନ୍ ଆର୍ନଲ୍ଡ ଓ ଲଣ୍ଡନରେ ରହୁଥିବା ଗୁଜରାଟୀ ଲେଖକ ନାରାୟଣ ହେମଚନ୍ଦ୍ରଙ୍କୁ । ସେମାନେ ସମସ୍ତେ ଥିଲେ ନିରାମିଷାଶୀ । ଏପରିକି ଦକ୍ଷିଣ ଆଫ୍ରିକା ଜୋହାନ୍ସବର୍ଗରେ ଏକ ନିରାମିଷ ଭୋଜନାଳୟରେ ଗାନ୍ଧି, ହେନରୀ ପୋଲାକ୍, ହର୍ମାନ୍ କାଲେନ୍‌ବାଚ୍ ସ୍ଥିର କରିଥିଲେ ନିରାମିଷ ଖାଦ୍ୟର ଶରୀର ଉପରେ ସୁସ୍ଥ ପ୍ରଭାବ ସମ୍ବନ୍ଧରେ ଲୋକମାନଙ୍କୁ ସଚେତନ କରିବା ପାଇଁ ସେମାନେ ଏକତ୍ର କାର୍ଯ୍ୟ କରିବେ । ଦକ୍ଷିଣ ଆଫ୍ରିକାରେ ସତ୍ୟାଗ୍ରହ ସମ୍ବନ୍ଧରେ ଗାନ୍ଧି ଲେଖିଛନ୍ତି ଯେ ସେ ନିରାମିଷ ଖାଦ୍ୟକୁ ଧାର୍ମିକ, ଅର୍ଥନୈତିକ, ବିଜ୍ଞାନସମ୍ମତ ସ୍ୱାସ୍ଥ୍ୟଗତ ଦୃଷ୍ଟିରୁ ବିଚାର କରୁଥିଲେ। ଗ୍ରାମ୍ୟକୃଷିରୁ ଉତ୍ପନ୍ନ ଶସ୍ୟ, ଫଳ, ସବୁଜ ପରିବା, ଶାଗ ଓ ପାରମ୍ପରିକ ଘଣାତେଲ ଉପରେ ଗୁରୁତ୍ୱାରୋପ କରୁଥିଲେ । ଭାରତୀୟ କୃଷିକୁ ଉନ୍ନତ କରିବା ଉଦ୍ଦେଶ୍ୟରେ ଭାରତରେ ଥିବା ଖାଦ୍ୟସାର ଗବେଷଣାର ନିର୍ଦ୍ଦେଶକ ଡ. ରବର୍ଟ୍ ମ୍ୟାକ୍‌କ୍ୟାରିସନ୍‌ଙ୍କ ନିକଟକୁ ଚିଠି ଲେଖିବା ସହିତ ନିଜେ ମଧ୍ୟ ଦୀର୍ଘ ବର୍ଷ ଧରି ଖାଦ୍ୟ ସମ୍ପର୍କିତ ପରୀକ୍ଷଣ, ନିରୀକ୍ଷଣ ଜାରୀ ରଖିଥିଲେ। ପରମହଂସ ଯୋଗାନନ୍ଦ କାଲିଫର୍ଣ୍ଣିଆରୁ ଗାନ୍ଧିଙ୍କ ନିକଟକୁ ପଠାଇଥିବା କେତେକ ଫଳଗଛର ଚାରା ବାଟରେ ନଷ୍ଟ ହୋଇଯାଇଥିଲା, ନଚେତ୍ ସେଗୁଡ଼ିକୁ ନେଇ ସେ କେତେ ପରୀକ୍ଷା ନିରୀକ୍ଷା କରିପାରିଥାଆନ୍ତେ। ଗାନ୍ଧି-ଆଶ୍ରମଗୁଡ଼ିକରେ ଅତ୍ୟନ୍ତ ସରଳ ଖାଦ୍ୟ ପ୍ରସ୍ତୁତ ହେଉଥିଲା । ପ୍ରାୟ ପ୍ରତିଦିନ କଖାରୁ ରନ୍ଧା ହୁଏ ବୋଲି ଥରେ ନାତୁଣି ଇଲା ସେବାଗ୍ରାମକୁ କଦୁଗ୍ରାମ (କଦୁ ଶବ୍ଦର ଅର୍ଥ କଖାରୁ) ମନ୍ତବ୍ୟ ଦେବାରୁ ଗାନ୍ଧି ହସିଲେ ଓ କଖାରୁ ସହିତ ଅନ୍ୟାନ୍ୟ ପରିବା ମିଶାଇ ରାନ୍ଧିବାକୁ କହିଲେ। ନିଜେ ନିରାମିଷ ଖାଦ୍ୟ ଗ୍ରହଣ କରି ଅନ୍ୟ ଅନେକଙ୍କୁ ପ୍ରଭାବିତ କରିପାରିଥିବାରୁ ଗାନ୍ଧିଙ୍କୁ ୧୯୩୧ ମସିହାରେ ଲଣ୍ଡନ୍‌ରେ ଗୋଲ୍‌ଟେବୁଲ୍ ବୈଠକ ସମୟରେ ଭେଜିଟାରିଆନ୍ ସୋସାଇଟି ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା।

ଧର୍ମଗୁରୁ, ଧର୍ମପ୍ରବକ୍ତା, ମନୀଷୀମାନେ ନିଜ ନିଜର ବାଣୀ ଓ ରଚନାରେ ସାମାଜିକ ଐକ୍ୟ ସହିତ କୃଷି, ଶିଳ୍ପ, ଶିକ୍ଷା, ସ୍ୱାସ୍ଥ୍ୟ ମାଧ୍ୟମରେ ଅର୍ଥନୈତିକ ଅଭିବୃଦ୍ଧିର କଥା କହିଛନ୍ତି। କୃଷି ଆମ ଅର୍ଥନୀତିର ମୁଖ୍ୟ ଅବଲମ୍ବନ ହୋଇଥିବାରୁ ସମସ୍ତେ ବିଶେଷତଃ ନିରାମିଷାଶୀମାନେ କୃଷିକୁ ସର୍ବାଧିକ ଗୁରୁତ୍ୱର ସହିତ ବିଚାର କରିଛନ୍ତି । ବେଳେବେଳେ ବିଭିନ୍ନ ଧର୍ମାବଲମ୍ବୀଙ୍କ ମଧ୍ୟରେ ସଂଘର୍ଷ ଉପୁଜି ସାମାଜିକ ଐକ୍ୟ ବିପନ୍ନ ହୁଏ । ଗୋଟେ ଉପାସନାପୀଠ ଭଙ୍ଗାଯାଏ, ଆଉ ଗୋଟେ ଗଢ଼ାଯାଏ, ଉଭୟ ପ୍ରକ୍ରିୟା ପାଇଁ ବହୁ ଅର୍ଥ ବ୍ୟୟ ହୁଏ। ବିବାଦର ସମାଧାନ ପାଇଁ ବର୍ଷ ପରେ ବର୍ଷ ବିତିଯାଏ, ସେଥିପାଇଁ ମଧ୍ୟ ବହୁ ଅର୍ଥ ବ୍ୟୟ ହୁଏ । ଯେଉଁଥିପାଇଁ ରାଷ୍ଟ୍ରର ଅର୍ଥନୀତି ଚାପଗ୍ରସ୍ତ ହୁଏ। ବିଶେଷଜ୍ଞମାନେ କହନ୍ତି, ଭିନ୍ନଭିନ୍ନ ଧର୍ମାବଲମ୍ବୀଙ୍କ ମଧ୍ୟରେ ସୌହାର୍ଦ୍ଦ୍ୟପୂର୍ଣ୍ଣ ବାତାବରଣ ସୃଷ୍ଟି ପାଇଁ ମାର୍ଗ ପ୍ରସ୍ତୁତ ହେଲେ ଏବଂ କୃଷି, ଶିଳ୍ପ, ଶିକ୍ଷା, ସ୍ୱାସ୍ଥ୍ୟକୁ ଅଗ୍ରାଧିକାର ଦେଇ ଅର୍ଥର ବ୍ୟବସ୍ଥା ହେଲେ ସାମାଜିକ ଉନ୍ନୟନ ତ୍ୱରାନ୍ୱିତ ହେବା ନିଶ୍ଚିତ ।

# ବର୍ତ୍ତମାନର ସାହିତ୍ୟ ଶାସିତର ସାହିତ୍ୟ



ମାୟାଧର ନାୟକ
ଯାଜପୁର ରୋଡ, ଯାଜପୁର
ମୋ : ୯୮୬୧୦୩୪୧୬୩

ଆମ ଭାରତରେ ଯେଉଁ ଧରଣର ଧାରା ସାହିତ୍ୟ କ୍ଷେତ୍ରରେ ଦେଖାଦେଉଛି, ସେ ଧାରାକୁ ଆଧୁନିକ ଓ ଉତ୍ତର-ଆଧୁନିକ ବୋଲି ଡିଣ୍ଡିମ ପିଟାଯାଉଛି। ଏ ଡିଣ୍ଡିମ ପିଟୁଛନ୍ତି କେଉଁମାନେ? ବୁଦ୍ଧିଜୀବୀ ଓ ସାହିତ୍ୟର ସମୀକ୍ଷକ ବୋଲାଉଥିବା ଦଳେ ଦାୟିତ୍ୱହୀନ ଧୂର୍ତ୍ତ ବ୍ୟକ୍ତି। ହୁଏତ ସେମାନଙ୍କ ମଧ୍ୟରୁ ଶତକଡା ୭୦ ଶିକ୍ଷା ବିଭାଗ କର୍ମଚାରୀ, ବାକି ୩୦ ଅନ୍ୟାନ୍ୟ ସରକାରୀ ଚାକିରିଆ। ଯେଉଁ ଧାରାର ସାହିତ୍ୟ ସଂପର୍କରେ ଭାରତରେ ଏତେ ତୁମ୍ଭିତୋଫାନ୍ ସୃଷ୍ଟି କରାଯାଇ ଆସୁଛି, ସେ ସାହିତ୍ୟ ବି ଲେଖନ୍ତି କେଉଁମାନେ? ହଁ, ଏଇ ଧରଣର ପ୍ରଚାରିତ ସାହିତ୍ୟର ସୃଷ୍ଟିକର୍ତ୍ତାମାନେ ମୁଖ୍ୟତଃ ସରକାରୀ କଳର ବିଭିନ୍ନ ପଦାଧିକାରୀ ବ୍ୟକ୍ତି। ଏଇ ପଦାଧିକାର ବଳରେ ସେମାନେ ନିଜ ସୃଷ୍ଟି ସପକ୍ଷରେ ଉପରୋକ୍ତ ବୁଦ୍ଧିଜୀବୀ ଓ ସମୀକ୍ଷକବର୍ଗଙ୍କ ନିକଟରୁ ଆଦାୟ କରି ନେଇଥାନ୍ତି ଅପରିମିତ ସ୍ୱୀକୃତି ଓ ସମର୍ଥନ। ଯେଉଁ ଅଳ୍ପ କେତେଜଣ ପ୍ରକୃତ ପ୍ରତିଭାସଂପନ୍ନ ସାହିତ୍ୟକାର ବିନା ସ୍ୱୀକୃତି ଓ ପୁରସ୍କାରରେ ଅମର ସାହିତ୍ୟ ସୃଷ୍ଟି କରିବାରେ ତପସ୍ୟାରତ, ସେମାନେ ଦୀର୍ଘକାଳ ରହିଯାନ୍ତି ଲୋକଲୋଚନର ଅଗୋଚରରେ। ଏଇ ଅଳ୍ପ କେତେଜଣ ସାହିତ୍ୟକାର ବିନା ଗୋଷ୍ଠୀ, ବିନା ଚର୍ଚ୍ଚା, ବିନା ଭାଟବନ୍ଦନା ମଧ୍ୟରେ ନିଜର ବିଶ୍ୱାସକୁ ନେଇ ବଂଚି ରହନ୍ତି କେବଳ। ସେମାନଙ୍କ ମୃତ୍ୟୁ ପରେ ଏ ସମାଜ କାନ୍ଦେ, ଏ ବ୍ୟବସ୍ଥା ଦାବି କରେ ଶହେ ତୋପର ସଲାମି ! ଏଇ ତ ଅବସ୍ଥା।

ବର୍ତ୍ତମାନର ସାହିତ୍ୟ ଆଧୁନିକ ସାହିତ୍ୟ ନ କହି ଏ ସାହିତ୍ୟକୁ ବରଂ ଶାସିତର ସାହିତ୍ୟ କହିଲେ ଅଧିକ ଯଥାର୍ଥ ହେବ। ଶାସିତର ସାହିତ୍ୟ ଏଇଥିପାଇଁ ଯେ ସେଥିରେ ଆଧୁନିକତାର କୌଣସି ଚିହ୍ନବର୍ଣ୍ଣ ନାହିଁ। ଜୀବନ ଆଗେଇ ଚାଲିବ, ପୃଥିବୀ କେତେ ପରିବର୍ତ୍ତନ ସାମ୍ନା କରୁଚି, ସମାଜରେ ନାନା ସଂଶୟ ଓ ସଂଘାତ ଉପୁଜୁଚି, ବ୍ୟକ୍ତିମାନସ କେତେ ଜଟିଳତାରେ ଜର୍ଜରିତ ହେଉଚି, ମଣିଷ ଜାତିର ଭବିଷ୍ୟତକୁ ନେଇ କେତେ କ'ଣ ଖେଳ ଆରମ୍ଭ ହୋଇସାରିଚି – ସବୁଠି ଆଶଙ୍କା, ଆତଙ୍କ, ଆପଦର ଆବର୍ତ୍ତ – ଅଥଚ ଚାରି କାନ୍ଥର ଚୌହଦି ମଧ୍ୟରେ ସାହିତ୍ୟ ନାମରେ ଚାଲିଚି ସୌଖୀନ୍ ସର୍ଜନା ! ବୁଦ୍ଧି ଅଛି, ବିବେକ ନାହିଁ... ମସ୍ତିଷ୍କ ଅଛି, ହୃଦୟ ନାହିଁ... ପ୍ରଚାର ଅଛି, ପ୍ରାଣ ନାହିଁ – ଏମିତି ଏକ ଅନ୍ଧମୁହାଣିରେ ଭାରତର ସାହିତ୍ୟ ଆଜି କେବଳ ଭୁଆଁ ବୁଲୁଛି। ସାହିତ୍ୟ ଲେଖୁଛନ୍ତି ବୋଲି ଧରାଯାଉଥିବା ବହୁ ଧୁରୀଣ ବ୍ୟକ୍ତି ନିଜ ନିଜକୁ ଲେଖକ ରୂପରେ ଚିହ୍ନଟ କରାଉଛନ୍ତି ସିନା, ମାତ୍ର ପ୍ରକୃତରେ ସେମାନେ କ'ଣ ଲେଖକ ପଦବାଚ୍ୟ? ବରଂ ଲେଖକ ନ କହି ସେମାନଙ୍କୁ ଲେଖାଳି କହିଲେ ଠିକ୍ ହେବ। ସେମାନେ ଲେଖାଳି – କାହିଁକିନା ସେମାନଙ୍କର ସାହିତ୍ୟ-ଚିନ୍ତନ ମୌଳିକତାହୀନ, ସାହିତ୍ୟଦୃଷ୍ଟି ମନନଶୂନ୍ୟ। ନିଜ ମାଟି-ପାଣି-ପବନର ରୂପ-ରସ-ଗନ୍ଧ ସେମାନଙ୍କ ସାହିତ୍ୟରେ ନାସ୍ତି। ଏକ ପ୍ରକାର ଔପନିବେଶିକ ଅନୁଶାସନକୁ ଅକ୍ଷରେ ଅକ୍ଷରେ ମାନିନେଇ ସେମାନେ ଆଧୁନିକ ସାହିତ୍ୟ ଲେଖନ୍ତି ବୋଲି ପ୍ରଚାରିତ ହୋଇ ଆସୁଛନ୍ତି ମାତ୍ର। ନ ହେଲେ ମାଟି ଆଉ ମଣିଷର ମର୍ମକଥା, ସମକାଳୀନ ପ୍ରଜନ୍ମର ପ୍ରାଣପୀଡ଼ା, ନିଜ ସମୟର ଅନ୍ତଃସ୍ୱରରୁ ସେମାନଙ୍କ ସାହିତ୍ୟ ବଂଚିତ।

ବର୍ତ୍ତମାନର ସାହିତ୍ୟ କିତାବୀ କୀଟସାହିତ୍ୟ – ଓଡିଆ ଓ ଅନ୍ୟାନ୍ୟ ଭାଷାରେ ଏଇ କୋଡିଏ ତିରିଶ ବର୍ଷ ଧରି ସାହିତ୍ୟ ଆଳରେ କେବଳ ଏକ ଅପରାହ୍ଣଧର୍ମୀ ଆହରଣକାମୀ ଅଭ୍ୟାସକୁ ଅକ୍ଷର ରୂପ ଦିଆଯାଇ ଆସୁଛି। ମହାଭାରତରେ କୋକୁଆ ମାତିବା ପରି ଏବର ଏଇ ଦୋ'ନମ୍ବରୀ ସାହିତ୍ୟରେ ସେମିତି ଅବକ୍ଷୟର ଅଣଚାଶ ମାଡ଼ି ଆସିଚି। ଯେଉଁଠି ଦେଖ କେବଳ ଶୂନ୍ୟତାର ସ୍ୱର, ହତାଶାର ହାହାକାର, ବିଚିତ୍ର ବିକଳପଣର ବିଜ୍ଞପ୍ତି। ସାହିତ୍ୟରେ ଦେଖାଦେଇଛି ବିଷୟବସ୍ତୁର ସଂକଟ। ଶୈଳୀସର୍ବସ୍ୱ ଆଭିମୁଖ୍ୟ ଆଜି ସାହିତ୍ୟର ଧ୍ୟେୟ ଓ ଶ୍ରେୟ। ଆମର ଅଧିକାଂଶ ଲେଖକ କେତେଦୂର ଗାଆଁଗହଳର ଗହନ ଚିତ୍ରକୁ ରଙ୍ଗାଇ ପାରନ୍ତି? ସେମାନେ କ'ଣ ବଂଚିବାର ସଂଗ୍ରାମ ଓ ସଂଘାତରେ ପ୍ରତି ମୁହୂର୍ତ୍ତରେ ଜୀବନ୍ତ ସହିଦ ପାଲଟୁଥିବା ସାଧାରଣ ମଣିଷର କଥା ଓ ବ୍ୟଥାକୁ ନିଜ ସାହିତ୍ୟର ସରହଦକୁ ପାଛୋଟି ଆଣିଛନ୍ତି? ବର୍ତ୍ତମାନର ସାହିତ୍ୟରେ ବର୍ତ୍ତମାନର ଜୀବନ ନାହିଁ, ସ୍ପର୍ଶ ନାହିଁ, ସଂଘର୍ଷ ନାହିଁ – ପରିବର୍ତ୍ତନ ଓ ବିବର୍ତ୍ତନର ପ୍ରମାଣପତ୍ର ନାହିଁ। ସୁତରାଂ ସାଂପ୍ରତିକ ସାହିତ୍ୟ ସମାଜ-ଜୀବନଠାରୁ ସୁଦୂରବର୍ତ୍ତୀ ହୋଇ ଉଠିବା ଫଳରେ ହରାଇ ବସୁଛି ପ୍ରବୃଦ୍ଧିଶୀଳ ପାଠକୀୟତା। ହଁ, ଆଜି ସାହିତ୍ୟରେ ଶହଶହ ଲେଖକଙ୍କ ଥାଟପଟାଳି, ମାତ୍ର ପାଠକ ଶହେରେ ସାତଜଣ ବାହାରିବେ କି ନାହିଁ ସନ୍ଦେହ ! ଏପରିକି ଯେଉଁମାନେ ତିରିଶ ଚାଳିଶବର୍ଷ ହେଲା ଲେଖାଲେଖି କରି ଆସୁଛନ୍ତି ସେମାନେ ନିଜ ଲେଖା ଛଡା ଅନ୍ୟ ଲେଖକମାନଙ୍କୁ ପଢିଥାନ୍ତି କି ଆନ୍ତରିକତାର ସହିତ? ବରଂ ବିଭିନ୍ନ ଭାଷାର ଲେଖକ ତା ନିଜ ଭାଷାର ବହି ନ କିଣି କିଣିଥାଏ ବିଦେଶୀ ଭାଷାର ବହି। ସେ ସାରଳାଦାସ, ବଳରାମ ଦାସ, ଜଗନ୍ନାଥ ଦାସ, ଅଭିମନ୍ୟୁ ସାମନ୍ତସିଂହାର, ଗୋପାଳକୃଷ୍ଣ, ବଳଦେବ ରଥ କି ଭୀମ ଭୋଇଙ୍କୁ ପଢି ନ ଥାଏ – କିନ୍ତୁ ସଦ୍ୟ ବିଦେଶୀ ଲେଖକମାନଙ୍କ ସବୁ ଖବର ତା' ନଖଦର୍ପଣରେ ! ମୁଁ କହୁନାହିଁ ଯେ ବିଦେଶୀ ଲେଖକଙ୍କ ବହିକୁ ବର୍ଜନ କରାଯାଉ – କାହିଁକିନା ସାହିତ୍ୟରେ ଏ ପ୍ରକାର ସ୍ୱଦେଶୀ ଆନ୍ଦୋଳନର କୌଣସି ସ୍ଲୋଗାନ୍ ବେଶିଦିନ ଚାଲିପାରେନା। ମାତ୍ର ମୋର କହିବାର କଥା ହେଉଚି - ନିଜ ଭାଷା, ନିଜ ସାହିତ୍ୟ ପ୍ରତି ଆମ ତଥାକଥିତ ଲେଖକମାନଙ୍କର ଏ ଧାରାବାହିକ ହୀନମନ୍ୟତାକୁ ଆମେ ବରଦାସ୍ତ କରି ଚାଲିଥିବା ଆଉ କେତେଦିନ?

ଏବେ ଆଉ ଏକ ଦୁଃଖଦାୟକ ଦିଗ ଉପରେ ଆଲୋକପାତ କରାଯାଉ। ଆଜି ଓଡିଆ ସାହିତ୍ୟ କ୍ଷେତ୍ରରେ ଲେଖକମାନଙ୍କ ଗହଳଚହଳ ଯେତେ ନଜରକୁ ଆସୁଛି, ସେ ଗହଳି ଭିତରେ ଆମେ କୌଣସି ବ୍ୟକ୍ତିତ୍ୱଗତ ବିଶାଳତା କି ବ୍ୟାପକତା ଲକ୍ଷ୍ୟ କରି ପାରୁଛୁ କି? ଏଇ କିଛି ବର୍ଷ ତଳେ ଆମ ଆଖି ଆଗେ ଆଗେ ଆମେ ଦେଖୁଥିଲୁ ମହାନ୍ ସାହିତ୍ୟକର୍ମୀ ସେଇ ବିରଳ ବ୍ୟକ୍ତିତ୍ୱମାନଙ୍କୁ – ଯେଉଁମାନେ ପ୍ରତିଭାତ ହେଉଥିଲେ ଗୋଟିଏ ଗୋଟିଏ ଅନବଦ୍ୟ ନକ୍ଷତ୍ର ଭଳି। ମୁଁ ନିଜେ ଲକ୍ଷ୍ୟ କରିଚି, ସାହିତ୍ୟଦୃଷ୍ଟି ଓ ଦର୍ଶନକୁ ନେଇ ସେମାନେ ମଞ୍ଚରେ ବିତର୍କ ସୃଷ୍ଟି କରିଥାନ୍ତି ସିନା ହେଲେ ବ୍ୟକ୍ତିଗତ ସଂପର୍କରେ ସେମାନେ ବରାବର ବନ୍ଧା ଥିଲେ ପରମ ସୌହାର୍ଦ୍ଦ୍ୟର ସୂତ୍ରରେ। ଆଜିର ସାହିତ୍ୟରେ ବ୍ୟକ୍ତିତ୍ୱର ସଂକଟ ଏକ ଦୁଃଖଦ ସତ୍ୟ। ସେଇଭଳି ବିଶାଳ ବ୍ୟକ୍ତିତ୍ୱ କ'ଣ ଆଜିକାଲି ଦେଖିବାକୁ ମିଳୁଛନ୍ତି ସତରେ? ଇତିହାସରେ ଡାଇନୋସାର୍‌ମାନଙ୍କ ଯୁଗ ସରିଯାଇଥିବା ପରି ସାହିତ୍ୟରେ ମଧ୍ୟ ସଂପ୍ରତି ବ୍ୟକ୍ତିତ୍ୱର ସ୍ୱର ନିଶ୍ଚିହ୍ନ। ପୁରସ୍କାର ନପାଇଥିବା ବହୁ ବ୍ୟକ୍ତିତ୍ୱଶାଳୀ ସାହିତ୍ୟିକଙ୍କ ସିଂହାସନ ଥିଲା ସେତେବେଳେ ପାଠକର ହୃଦୟ ! ଏ ସୌଭାଗ୍ୟ କିନ୍ତୁ ଆଜିର ବହୁ ନାମୀଦାମୀ ପୁରସ୍କାରପ୍ରାପ୍ତ ଲେଖକଙ୍କ କପାଳରେ ଜୁଟିପାରିଛି କି?

ଶାସିତର ସାହିତ୍ୟ ଏ ଆଜିର କଲମୀ ସାହିତ୍ୟ। ସାଧାରଣ ମଣିଷର ଅନୁପ୍ରବେଶ ଏ ନକଲକରା ସାହିତ୍ୟରେ କାହିଁ? ଶାସନର ବରାଦୀ ବ୍ୟବସ୍ଥା ଭିତରେ, ପ୍ରଶାସନର ପ୍ରହେଳିକା ମଧ୍ୟରେ ସାହିତ୍ୟ ଦ୍ୱାହିରେ ସୃଷ୍ଟି ହେଉଛି ପ୍ରବଂଚନାର ପ୍ରସାରିତ ପରମ୍ପରା। ସତ୍ୟ ନୁହେଁ, ମିଥ୍ୟା ହିଁ ଆଜି ପାଲଟିଛି ସାହିତ୍ୟର ସୂଚିପତ୍ର। ବିବେକବୋଧ ନୁହେଁ, ବିଚାରବୋଧ ନୁହେଁ – ବିଶ୍ୱାସଘାତକତା ହିଁ ଆଜି ହୋଇପଡିଛି ଓଡିଆ ସାହିତ୍ୟର ମୁଖ୍ୟ ବିଷୟବସ୍ତୁ। ଆଜିର ଛଦ୍ମସାହିତ୍ୟ ପ୍ରକୃତରେ ବିଶ୍ୱାସଘାତକତା କରିଚାଲିଚି ଚାରିପଟର ଛିନ୍ନବିଚ୍ଛିନ୍ନ ସମାଜଜୀବନ ପ୍ରତି ଏବଂ ଆଜିର ଲେଖକ ମଧ୍ୟ ନିଜ ପ୍ରତି।

ଆଜି ସାହିତ୍ୟ ଏଇ ବିଶ୍ୱାସକୁ ଫେରାଇ ଆଣିବା ଦରକାର – ଯାହା ଏ ତଥାକଥିତ ଆଧୁନିକ ସାହିତ୍ୟର ସାମର୍ଥ୍ୟ ବାହାରେ। ଆଧୁନିକ ସାହିତ୍ୟର ମୁଖାପିନ୍ଧା ଏକ ବିଶ୍ୱାସଘାତକ ପରମ୍ପରାର ପୂର୍ଣ୍ଣଚ୍ଛେଦ ନପଡିଲେ, ପ୍ରକୃତ ସାହିତ୍ୟ ପାଇଁ ସମ୍ଭାବନା ସୃଷ୍ଟି ହେବ କିପରି? ନିଃଶ୍ୱାସରେ ନୁହେଁ, ବିଶ୍ୱାସରେ ହିଁ ବଂଚିବାର ବୀଜମନ୍ତ୍ର ଆମେ ସାହିତ୍ୟଠାରୁ ଆଶା କରୁଛୁ।

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022 ସମ୍ପାଦକ : ଜୟାଶୀଷ ରାୟ

# ଅନୁରାଗ



ଲୋପାମୁଦ୍ରା ପରିଡା



'ଦେଖିଲୁଣି ନା ତୋ ବଡ ଭାଉଜଙ୍କୁ ? ଯାଃ ଯା ଦେଖେ ତାକୁ । ଦାଣ୍ଡଠୁ ଘାଟ ସମସ୍ତେ ଛି ଛାକର କରୁଛନ୍ତି ଲୋ । ନାଁ ପକେଇ ଖଣ୍ଡିକ ଯାହା । ମୁଁ ତୋ ବାବା ବୋଉଙ୍କ ନମକ ଖାଇଛି ବୋଲି ପଡିରହିଛି ଏଠି । ନହେଲେ....... ହୁଁ ।' ଘରେ ପଶୁପଶୁ ଚାଳ ବାଜିଲା ।

ପ୍ରସିଦ୍ଧି ବର୍ଷେ ପରେ ଆଜି ଘରକୁ ଆସିଛି। ଶେଷଥର ଯୋଉ ଆସିଥିଲା ତା ବଡ଼ ଭାଇ ତାକୁ ଟ୍ରେନ୍ ଯାଏ ଛାଡିବାକୁ ଯାଇଥିଲେ। ମୁଣ୍ଡରେ ହାତ ରଖି କହିଥିଲେ, 'ତୁ ସିନା ମଝିରେ ମଝିରେ ଟିକେ ଏମିତି ଆସନ୍ତୁ । ଏତେ ଏତେ ଦିନରେ ଆସୁଛୁ ଯେ ମନ ପୁରୁନି ମୋର । ଦେଖିନି ବି ତତେ ଭଲରେ ଟିକେ ଆଉ ତୁ ବାହାରିଲୁଣି । କିଏ ଜାଣେ ତୋ ଆର ଥର ଆସିବାକୁ ମୁଁ ଥିବି କି ନା !' ଭାଇଙ୍କର ଏମିତି ଅଜବ କଥା ଶୁଣି ସିଏ ମୁହଁ ଫୁଲେଇଥିଲା। କେଜାଣି ଭାଇ ଏମିତି କାଇଁ କହିଲେ। ସବୁବେଳେ ତ ପିଲାଙ୍କ ଭଳି ଚିଡାନ୍ତି, ଖେଞ୍ଚିହେଇ ଲାଗିଥାନ୍ତି । ନାକକାନ୍ଦୁରୀ ନାକକାନ୍ଦୁରୀ ନହସ ଲଗେଇଥାନ୍ତି । ଏଥର କଣ ହେଲା ? ଏମିତି ଭାବି ଭୁଲି ଯାଇଥିଲା ପ୍ରସିଦ୍ଧି ସେ କଥାକୁ।

ହେଲେ ଠିକ୍ ଆଠ ଦିନ ପରେ ଭାଉଜ ହାଉଳି ଖାଇ ଫୋନ୍ କଲେ ଯେ ଭାଇ ତାଙ୍କୁ ସବୁଦିନ ପାଇଁ ସତରେ ଠକିଦେଇ ଚାଲିଗଲେ। ସିଏ ବିଶ୍ୱାସ କରିପାରିଲାନି । କାନ୍ଦିବ କି ଆଶ୍ଚର୍ଯ୍ୟ ହବ ବୁଝିପାରିଲାନି। ଚାଲୁଥିଲା, ବୁଲୁଥିଲା ଲୋକଟା, କଣ ହେଲା ? ଏମିତି କଣ ହୁଏ ? ଏମିତି କଣ କିଏ ଯାଇପାରେ ନା ଯାଏ ? ତା ମୁଣ୍ଡ କଣ ହେଇଯାଉଥିଲା । ସିଏ ତୁରନ୍ତ ଫ୍ଲାଇଟ୍ କରି ଆସି ପହଞ୍ଚିଥିଲା ନିତିନଙ୍କ ସହ ।

ଅବିଶ୍ୱାସକୁ ବେଳେ ବେଳେ ବାଧ କରି ବିଶ୍ୱାସ କରାଏ ପରିସ୍ଥିତି । ଭାଉଜ ମୂକ ହେଇସାରିଥିଲେ । ଯନ୍ତ୍ର ପରି କାମ କରି ଚାଲିଥିଲେ। ବସୁଥିଲେ, ଚାଲୁଥିଲେ। କିନ୍ତୁ କଥା କହୁନଥିଲେ। ଭାରି ଅଦ୍ଭୁତ ଲାଗୁଥିଲା। ଯେମିତି ଗୋଟିଏ ପ୍ରହେଳିକା ପାଲଟୁଥିଲେ ସିଏ । ଘର କାମ ସାରି ତାଙ୍କ ବଖରାରେ ଘଣ୍ଟା ଘଣ୍ଟା ଏକା ବସୁଥିଲେ। ଭିତରୁ ଦୁଆର ଦେଇ ଦେଇ ଯେମିତି ସବୁ ଜୁଆରକୁ ଏକା ଲଢିହେବ ବୋଲି ସଂକଳ୍ପ କରୁଥିଲେ । ପ୍ରସିଦ୍ଧିଠୁ ଯଥେଷ୍ଟ ବଡ ଥିଲେ ତାର ଭାଉଜ। ବୋଉ ପରି ଲାଗେ ତାକୁ । ତେଣୁ ପ୍ରସିଦ୍ଧି ଭାରି ବ୍ୟସ୍ତ ହେଉଥିଲା। ହେଲେ କଣ କରିବ ! ତାକୁ ବି ତ ଫେରିବାକୁ ହେବ । ସିଏ ଚାହୁଁଥିଲା ଯେ ଭାଉଜ ତା ସହ ଆସନ୍ତୁ। ହେଲେ ସିଏ ରାଜି ହେଲେନି। ଏମିତି କି ତାଙ୍କର ଏକମାତ୍ର ପୁଅ ମିକୁନ ପାଖକୁ ଯିବାକୁ ବି ଅରାଜି ହେଲେ ।

ଆମେ ଫେରିଆସଲୁ ଭାରି ମନଟି ମାନ ନେଇ । ତାପରେ ଯାହା ମିକୁନ୍‌ଠୁ ଫୋନ୍‌ରେ ଶୁଣିବା କଥା। ଭାଉଜ ତ ଆଉ ଫୋନ୍ ବି ଧରିଲେନି । ଶୁଣିଥିଲା ଯାହା ସିଏ କି ଆଜିକାଲି ବହୁତ ଅଳ୍ପ କଥା କୁହନ୍ତି ସିଏ । ଯେତିକି ନିହାତି ସମୟ ଜୋର୍ କରି କୁହେଇନିଏ ସେତିକି । ନହେଲେ ନିସ୍ତବ୍ଧତାକୁ ସହଚରି କରିନେଇଥାନ୍ତି ସଞ୍ଜେସକାଳେ ।

ତାଙ୍କ କଥା ବୁଝିବାକୁ ହେଲେ ଘରେ କାମ କରୁଥିବା ନୀରା ନାନୀକୁ ନମ୍ବର ମିଳାଅ । ସେଇ ନୀରା ନାନୀ ଆଜି ମୁହଁଟି ମୋଡି ଏଇତିକ କହୁଥିଲେ । ତାଙ୍କ କଥା ଶୁଣି କଳିଜାରେ ଭୟ ବିଜ ଦାନା ବାନ୍ଧିବା ସ୍ୱାଭାବିକ । ପ୍ରସିଦ୍ଧି ଭିତରକୁ ଯାଉ ଯାଉ ପଚାରିଲା, 'କାହିଁକି କଣ ହେଲା ଭାଉଜର ? ତାଙ୍କ ଦେହ ପା ଭଲ ଅଛି ତ ?'

'ଉଉଉଉଁ ନିରିମୁଳି ଅଛମରୀ ଲତା ଦେହକୁ କାହିଁକି କଣ ହବ ବା ! ଯାଉନୁ ନିଜେ ଦେଖିବୁ । ଜାଣିବୁନି କି ! ମୁଁ କାଇଁ କହିବି ! ତୁଣ୍ଡ ଅଶୁଦ୍ଧ କରିବି ! ବୁଝିବା ବୁଝେଇବାର ସମୟ ଅତିକ୍ରାନ୍ତ । ତମ ଘର ତୁ ବୁଝ ଲୋ ମାଆ । ମୁଁ ଯାଏଁ, ମୋର କଣ କାମ କମ !' କହି ବୁଲି ପଡି ଡିଙ୍କି କୁଟିଲା ପରି ଦୁମ୍ ଦୁମ୍ କଚିହେଇ ଚାଲିଗଲା ନୀର ନାନୀ ପ୍ରସିଦ୍ଧି ହାତରୁ ତା ବ୍ୟାଗ୍ ନେଇ ଭିତର ଘରକୁ ।

ଏଥର ସିଏ ଏକା ଆସିଥିଲା ନୋଏଡାରୁ । ନିତିନ ଦି ଦିନ ପରେ ଝିଅ ସିମୁନକୁ ହଷ୍ଟେଲରୁ ନେଇକି ସିଧା ଆସିବେ କହିଥିଲେ । ତାର ତ ଗୋଟେ ପରେ ଆଉ ଗୋଟେ.... ପଛକୁ ପଛ ପରୀକ୍ଷା ସରୁ ହିଁ ନଥିଲା। ଭୟ ଆଉ ଆଶଙ୍କାଟେ ସହ ଭାଉଜଙ୍କ ବଖରାକୁ ପଶିଲା ପ୍ରସିଦ୍ଧି । ଦୁହେଁ ଦୁହିଁଙ୍କ ଆଖିକୁ ଚାହିଁ ମୂର୍ତ୍ତିବତ୍ । ଅପଲକ । କୁଣ୍ଢେଇ ପକେଇଲେ ଭାଉଜ ତାକୁ। ଲୁହ ଅବୋଲକରା ଚାରୋଟି ଆଖିରୁ । ତାକୁ ଲାଗିଲା କଣ କହିବ, କଣ ନ କହିବ ସିଏ । ପାଦ ତଳେ ନୋଇଁ ମୁଣ୍ଡିଆ ମାରିଲା ଆଉ ବାହାରକୁ ବାହାରି ଆସିଲା ପ୍ରସିଦ୍ଧି । ନିଜ ଖଟରେ ମୁହଁ ମାଡି ଗଡିପଡିଲା ଧଡ୍ କିନା। ଇଏ କଣ ? କଣ ନ ଦେଖିଲା ସିଏ ? କାହିଁକି ଏମିତି କଲେ ଭାଉଜ ? କଣ ବାୟାଣୀ ହେଇଗଲେ ! ଯୋଉ ଭାଇ ବିନା ସିଏ ପାଣି ପିଉନଥିଲେ ତାଙ୍କ ଆବର୍ତ୍ତମାନରେ ..... ? ତାର ମୁଣ୍ଡ କଣ ହେଇଯାଉଥିଲା । ବୁଝା ପଡୁନଥିଲା ତାକୁ ସତ କଣ ଆଉ ଛାଇ କଣ !

ଠିକ୍ ସେତିକି ବେଳେ ନିତିନ ଫୋନ୍ କଲେ । ଭିଡିଓ କଲ୍। ସିଏ ତରବରରେ ମୁହଁ ପୋଛି ପକେଇ ନର୍ମାଲ୍ ଦିଶିବାର ମୁଖାଟି ମଡ୍ଢେଇ ପକେଇଲା ଆଉ ଫୋନ୍ ଉଠେଇ ସ୍ମିତ ହସି କହିଲା, ହଁ ହଁ ଏଇ ତ ଏବେ ପହଞ୍ଚିଲି ଆଉ । ଫୋନ୍ କରିଥାନ୍ତି ତମକୁ ।

ନିତିନ ଚାହିଁରହିଥିଲେ ସ୍ଥିର ଓ ସେପଟୁ କହିଲେ, 'କଣ ହେଲା ? ମୁହଁ ଏତେ ଥମ୍ ଥମ୍ କାହିଁକି ? .....ଭାଉଜ ? ଭଲ ଅଛନ୍ତି ତ ?' 'ଏତିକି ପ୍ରଶ୍ନରେ ଠକ୍ ଠକ୍ କାନ୍ଦି ପକେଇଲା ପ୍ରସିଦ୍ଧି ଆଉ କହିଚାଲିଲା ତାର ଅବ୍ୟକ୍ତ ଲୁହ ମାନଙ୍କର ଠିକଣା । ଶୁଣୁଥିଲେ ନିରବରେ ନିତିନ ।

ହଠାତ୍ ପଛରୁ ଦିଶିଲା ସିମୁନ । ତାକୁ ଦେଖି ଅଟକି ଗଲା ପ୍ରସିଦ୍ଧି । କଥା ବାଆଁରେଇ ଗତି ବଦଳେଇଦେବାର ଚେଷ୍ଟା କଲା । କିନ୍ତୁ ସିମୁନ ଆସି ତା ପାପାଙ୍କ ପାଖରେ ଆଉଜେଇ ବସିଲା ଆଉ କହିଲା, 'ମାମା ମୁଁ ସବୁ ଶୁଣିଲି ତୁ ଯାହାସବୁ କହୁଥିଲୁ । ଆଚ୍ଛା ଥରେ କଥା ହେଇକି ଦେଖିଛୁ ମାଇଁଙ୍କ ସହ ? ତାଙ୍କ କଥା ଥରେ ଶୁଣିବା କଥା କି ନା। ପଚାର ତ ! ସିଏ ତ ତୋର ନିଜର ନା ! ବେଳେ ବେଳେ ଉପରୁ ଦିଶୁଥିବା କଥା ପଛରେ ଏକ ବିରାଟ ଦୃଶ୍ୟ ଲୁଚିଥାଏ। ଆଉ ଆମେ କେବଳ ଆମ ଆଖିକୁ ବିଶ୍ୱାସ କରିଯାଇ ଧୋକା ଖାଉ ମମ୍ମୀ । ଥରେ ଶୁଣୁ। ତା ପରେ ରିଆକ୍ଟ କର । ମାଇଁଙ୍କୁ କହିବାକୁ ଦେ ....'

ଚିଡିଗଲା ପ୍ରସିଦ୍ଧି। କହିଲା, 'ତୁ ସାନ ପିଲା। ତୋର ଏତେ କଥାରେ କାହିଁକି ମୁଣ୍ଡ। ଯାଃ ଏଠୁ। ଆସିବା ଦରକାର ନାହିଁ ତୋର ଏଠିକୁ। ଦି ଦିନ ଆଗରୁ ହଷ୍ଟେଲ୍‌ରୁ ଆସିଲୁ ହିଁ କାହିଁକି ? ହଉ ଘରେ ଥା। ମୁଁ କାଲି ଭିତରେ ଫେରୁଛି।' କାଟିଦେଲା ଫୋନ୍ ।

ମୁଣ୍ଡରେ ଦୁଇ ହାତ ଦେଇ ମୁଠା ମୁଠା କଲା। ତାକୁ ପଛରୁ ଶୁଭିଲା ଆଦରର ସ୍ୱରଟେ, 'ସିଦ୍ଧି ! ସିମୁ ଏଡେ ସାନଟେ ହେଇ ବୁଝିପାରିଲେ, ଅଥଚ ତୁମେ ....'

ସିଏ ଧଡପଡ ଉଠିବସିଲା। ଦେଖିଲା ତା ସାମ୍ନାରେ ବଡ଼ ଭାଉଜ। ତାର ବହୁତ ରାଗ ହେଲା। ମାତ୍ର ସିଏ ଢୋକିଦେଲା। ଭାଉଜ ତା' ଆଗରେ ଠିଆ ହେଇଥିଲେ। ଏବେ ବସିପଡି ଖଟ ଦାଢ଼ରେ ତାର ଦୁଇ ହାତକୁ ମୁଠେଇ ଧରିଲେ । ବୋଧେ ଥରୁଥିଲେ। ଆଖିରୁ ତାଙ୍କର ଅଶ୍ରୁ ଧାରା ଏଯାଏଁ ଶୁଖିନଥିଲା । ସିଏ ତାଙ୍କଠୁ ହାତ ଛଡେଇ ନେଇ ମୁହଁ ବୁଲେଇ ବସିଗଲା ।

ନମ୍ର ଭାବରେ ଶିଖା ଆରମ୍ଭ କଲେ, 'ମାଆରେ, ତୁମ ଭାଇ ଯୋଉ ଦିନ ଗଲେ ଶେଷ ଧାଡିରେ ମତେ କହିଗଲେ ମୁଁ ଯେମିତି ତାଙ୍କ ଉପସ୍ଥିତିର ସନ୍ତକ ତକ ଧରିରଖେ। ଯେମିତି କେବେବି ମୋ ହାତ ଆଉ ସିନ୍ଥି ଲାଲିମା ଶୂନ୍ୟ ନହୁଏ । ସେଇଥିରେ ହିଁ ସିଏ ଖୁସି ହେବେ । ମୋ ପାଖେ ପାଖେ ଥିବେ। ତୁମେ ତ ଜାଣ ମୁଁ କେତେ ଭଲପାଏ ଅଳତା ସିନ୍ଦୁର ଢାଳିହେଇ ସିମାନ୍ତିନୀ ସଜ ହେବାକୁ। ତାକୁ ତୁମ ଭାଇ ତାଙ୍କ ରାଣ ଦେଇ ମୋଠୁ ଛଡେଇ ନେଲେନି। କହିଲେ, 'କଥାଦିଅ.....। କଣ କରିଥାନ୍ତି ? ତାଙ୍କୁ କଣ ମନାକରିହୁଏ ! ପାରିଥାନ୍ତି କଣ ? ତୁମେ କଣ ଜାଣିନ .... ସବୁଦିନେ ମୋ ମଥା ଭରା ସିନ୍ଦୁର ଦେଖି ହିଁ ସିଏ ସକାଳେ ଆଖି ଫିଟାନ୍ତି । ସେଇଥିରେ ସିଏ ଆୟୁଷ୍ମାନ ହେଇଥିବେ ବୋଲି କହୁଥାନ୍ତି । ..... ତୁମ ବୋଉଙ୍କ ମୁହଁକୁ ମନେ ପକାନ୍ତି। ତୁମେ କଣ ଶୁଣିନ ସିଦ୍ଧି ? ନିଖୁରା ମାଖରା ହେଲେ ସିଏ ଭଲ ପାଆନ୍ତି କଣ ...... ?'

ଭୋ ଭୋ ହେଇ କାନ୍ଦୁଥିଲି ମୁଁ । ଫିଟିପଡିଥିଲେ କୋହ ତନ୍ତ୍ରୀ ମାନେ। ତାଙ୍କ ସ୍ୱରରେ କିନ୍ତୁ ଗୋଟେ ଅଦ୍ଭୁତ ଦମ୍ଭ ଥିଲା । ସିଏ ପୁଣି କହିଲେ, 'ତାଙ୍କୁ ଅମାନ୍ୟ କରିବା ଉଚିତ ହେଇଥାନ୍ତା କଣ ଛାର ଏଇ ସମାଜର ଡରରେ ? କଣ ଟିକେ ଆଡୁସାଡୁ ପାପିନୀ ତାପିନୀ କହିବେ ବୋଲି ଲୋକେ, କଣ ମୁଁ ହାରିଯାଇଥାନ୍ତି ? ବିଶ୍ୱାସ କରିବନି ସିଦ୍ଧି ତୁମ ଭାଇ ଯେ ଏବେ ବି ଏଇଠି ଠିଆ ହେଇଛନ୍ତି। ଆମକୁ ଚାହିଁ ହସୁଛନ୍ତି। ଭୟ କରନି ସିଏ ମତେ ଏକା ଛାଡି ଯିବେ ବା କେମିତି। କାଲି କହିଲେ, 'ମୋ ସିଦ୍ଧି ଆସୁଛି। ସିଏ ତମକୁ ପିଲାଦିନୁ ଯେମିତି ଦେଖିଛି ତମେ ସେମିତି ତା ପାଖକୁ ଯିବ। ନହେଲେ ସିଏ ସାନ ପିଲାଟି ଦୁଃଖ ପାଇବନି ନା... !'

ପ୍ରସିଦ୍ଧି ମଥା ଉଠେଇଲା । ତା ଦେହ କମ୍ପୁଥିଲା । ତା ସାମ୍ନା କାନ୍ଥ ଆଇନାକୁ ଚାହିଁଲା ସିଏ । ଭାଉଜଙ୍କ ପ୍ରତିଫଳିତ ଛବି ପାଖରେ ଝାପ୍‌ସା କରି ତାକୁ ଭାଇ ସହ ଦିଶିଲେ ।

ସିଏ ଚମକି ପଡିବ କଣ ଭାଉଜ ତାକୁ କୋଳେଇ ନେଲେ, ଆଉ ଶୂନ୍ୟକୁ ଚାହିଁ କହିଲେ, 'ହେଇ... ସିଏ ପିଲା ଲୋକ.... ତମେ ଏମିତି କଲେ ସିଏ କଣ ପାରିବ ! ଚାଲ ମୁଁ ଆସୁଛି ସେପଟକୁ !'

ପ୍ରେମ ଆଉ କଣ କି !

ଝରକା ସେପଟୁ ନୀର ନାନୀଙ୍କର ଲୁହପୋଛା ପଣତଟି ଥିରେ ଉଡ଼ି ତାଙ୍କ ନୀରବ ଉପସ୍ଥିତି ଜାହିର୍ କରୁଥିଲା। ସିଏ ବି ବୋଧେ ବୁଝିଯାଇଥିଲେ ପ୍ରକୃତ ଅନୁରାଗର ଭାବରୂପ !

*ପାନାଥୁର, ବାଙ୍ଗାଲୋର*

# ମହା ଶିବରାତ୍ରି

*ଅସୀମା ପ୍ରଧାନ*



ଜୀବନକୁ କରିଦିଅ ତୁମେ ଏକ ଶିବରାତ୍ରି
ସଂଘର୍ଷ ସାଧନା କର ଜୀବନରେ ଦିବାରାତ୍ରି ॥
ଆତ୍ମାକୁ ଉଜାଗର କରି ଥାଅ ତୁମେ ନିତ୍ୟ
ନିଶ୍ଚୟ ଦୂର ହେବ ଜୀବନ ପଥରେ ଅସତ୍ୟ ॥
ସତ୍ କର୍ମ ସତ୍ ଚିନ୍ତା କରି ଜୀବନରେ ନର
ହୁଅ ଯଶସ୍ୱୀ ଅସାର ସଂସାର ମଧ୍ୟରେ ସାର ॥
ଦିନେ ଖାଲି ଉପବାସ କରି କି ଲାଭ ମିଳଇ
ଉପବାସେ କିବା ମହାଦେବ ପ୍ରାପତ ହୁଅଇ ॥
କର୍ମ ଦୁଃଖ ସହ କର୍ତ୍ତବ୍ୟ ସମ୍ପାଦନ କରିଣ
ଉଜ୍ଜୀବିତ ହେବ ଜୀବନ ଜ୍ୟୋତି ପ୍ରଜ୍ୱଳନ ॥
ଜୀବନ ସାରା ଯେ ନିଦ୍ରା ବିମୋହିତ ହୋଇ ରହି
ଉଜାଗର ଦିନେ ରହି ସୁଖ ପ୍ରାପତ ନୁହଇ ॥
ଶିବ ଯେ ମହାଯୋଗୀ ସ୍ଥିତପ୍ରଜ୍ଞ ତ୍ୟାଗରେ ମନ
ବିଚଳିତ ବିଗଳିତ ମନ ଦେଖି ରହନ୍ତି ମଉନ ॥
ଦୃଢ ଇଚ୍ଛାଶକ୍ତି କାମନାର ରହିତ ସାଧନା
ଶିବ ଶଙ୍କରଙ୍କୁ କରେ ଯୁଗେ ଯୁଗେ ଆନମନା ॥
ଭକ୍ତ ଭକ୍ତିରେ ବିହ୍ୱଳିତ ଯେ ଦେବ ମହାଦେବ
ତ୍ୟାଗ ସାଧନା ସମର୍ପଣ ବିନା ଯେ ଅକାରଣ ॥
ଅସାର ସଂସାରେ ସବୁ ଛାର ଶିବ ଭକ୍ତି ବିନା
ଶିବ ସେତ ଉଡାନ୍ତି ସୃଷ୍ଟି ସ୍ଥିତି ବିଳୟ ବାନା ॥
ମାନ୍ଦା ପଣ ଆଳସ୍ୟ ଦ୍ୱେଷ ଜୀବନରୁ ବରଜି
ସେବା ଧର୍ମ ପୂଣ୍ୟ ତପ କର ଦୁଃଖୀ ରଙ୍କି ଖୋଜି ॥
କେତେ ତପ ତ୍ୟାଗ ବଳେ ଉମା ଶିବଙ୍କୁ ଲଭିଲେ
ଅଲଭ୍ୟ ସେ ମହାଦେବ ଆଳସ୍ୟ ଯେ ଗ୍ରାସ କଲେ ॥

*ବୀରମହାରାଜପୁର, ସୁବର୍ଣ୍ଣପୁର*



# ଜାଗର

*ସୁଧୀର କୁମାର ଦାସ*

ଜାଗର ଆସିଲେ ଶିବ ଉପାସନା
ରହିଛି ବିଶ୍ୱାସ ଭାବ
ରାତି ଆଣିଦିଏ ଆଲୋକ ବର୍ଣ୍ଣାଳି
କାହିଁ କେତେ ଅନୁଭବ...(୧)
ଶିବ ହିଁ ଆଳୟ ଶିବ ହିଁ ପ୍ରଳୟ
ଶିବ ପରା ଏକା ସତ୍ୟ
ଜୀବନର ମାନେ ବୁଝି ହୁଏ ନାହିଁ
ଶିବ ହିଁ ଆଲୋକ ପଥ...(୨)
ଧରାରେ ଜୀବନ ମଧୁମୟ ହୁଏ
ଥିଲେ ଥାଉ ଦୁର୍ବିସହ
ଶିବ ଶକ୍ତି ପାଇ ସ୍ଥିତପ୍ରଜ୍ଞ ହୁଏ
ବିଚ୍ୟୁତ ନୁହେଁ ତା' ଲୟ..(୩)
ତ୍ୟାଗର ଭଣ୍ଡାର ସଦା ମହେଶ୍ୱର
ଶାନ୍ତିର ବଳୟ ବିନ୍ଦୁ
ତ୍ୟାଗ କରି ସବୁ ଚାଲିଯିବା ଧରା
ରହିଥିବ କର୍ମ ସିନ୍ଧୁ...(୪)

*ତରାବୋଇ, ଜଟଣୀ, ଖୋର୍ଦ୍ଧା*
*ମୋ-୯୩୩୭୩୩୫୮୩୮*

# ମନାସେ ଜାଗର

*ଦୀପକ କୁମାର ନାୟକ*

ଯେଉଁ ସଂସାରକୁ ରକ୍ଷା କରିବାକୁ
ପିଇଥିଲ ତୁମେ ବିଷ
ପାପର ସାଗରେ ଭାସୁଛି ସେ ଆଜି
ରଖହେ ତୁମେ ମହେଶ ॥
ଦିନୁଦିନ ବଢ଼େ ପାପ ଭାର ଏଠି
ସଂସାରକୁ ରକ୍ଷାକର
ଅନ୍ୟାୟ ଅନୀତ ଅଧର୍ମରେ ପୂରା
ହେଲାଣି ଯେ ସୀମା ପାର ॥
ବଡ଼ ସାନ ଆଉ ଗୁରୁ ଗୁରୁଜନ
ମାନୁନାହାନ୍ତି ଯେ କେହି
ଧର୍ଷଣ ଦୁର୍ନୀତି ଚୋରି ଡକାୟତି
ବଢୁଅଛି ଘାଇଁ ଘାଇଁ ॥
ସଂସାରକୁ ରକ୍ଷା କରିଲ ଯେମିତି
ପିଇଦେଇ ତୁମେ ବିଷ
ସେମିତି ସଂସାରୁ ଅନ୍ୟାୟ ଅଧର୍ମ
କରିଦିଅ ତୁମେ ନାଶ ॥
ଅନ୍ୟାୟ ଅନୀତି ଦୂର କରି ଦେଇ
ଧର୍ମର ସ୍ଥାପନା କର
ଏତିକି ଗୁହାରି ତୁମ ଶ୍ରୀଚରଣେ
କରୁଛି ହେ ମହେଶ୍ୱର ॥
ସବୁ ଦୁଃଖ ତୁମେ ହରିନିଅ ବୋଲି
ତୁମ ନାମ ହେଲା ହର
ଦୀପଟିଏ ଜାଳି ଦୀପକ କୁମାର
ମନାସେ ଆଜି ଜାଗର
ମନାସେ ଆଜି ଜାଗର ॥

*ଯୁବ ସାମ୍ବାଦିକ, ଗଣ୍ଡାନାଳୀ, ହିନ୍ଦୋଳ, ଢେଙ୍କାନାଳ*
*ମୋ-୮୬୩୭୨୬୧୮୨୮*





# ଆସନ୍ତୁ ଜାଗର ଜାଳିବା

*ନିରଞ୍ଜନ ସାହୁ*

ଫଗୁଣ ମାସରେ ମହାଶିବରାତ୍ରି
ଆସନ୍ତୁ ଜାଗର ଜାଳିବା
ଉଜାଗର ରହି ହରହର କହି
ଜାଗର ଜାଳିକି ପାଳିବା ।

ଶିବଙ୍କ ପୟରେ ଲୟ ଲଗାଇବା
ମନରେ ଭକତି ଆଣିବା
ଶିବଙ୍କ ମହିମା ବାବଦରେ ଆମେ
ଭକ୍ତଙ୍କୁ ପଚାରି ଜାଣିବା
ଶିବଙ୍କ ଲିଙ୍ଗରେ ଭକ୍ତି ସହକାରେ
କଞ୍ଚାକ୍ଷୀର ଆମେ ଢାଳିବା ।

ଶିବ ପଞ୍ଚାକ୍ଷର ଶିବ ଷଡାକ୍ଷର
କାନଡେରି ଆମେ ଶୁଣିବା
'ଓଁ ନମଃ ଶିବାୟ' ପାଞ୍ଚ ଅକ୍ଷରକୁ
ଜପି ଭକ୍ତିରସ ବୁଣିବା

ଶିବଙ୍କ ସହସ୍ରନାମ ପଠନରେ
ରସନାକୁ ଧୀରେ ଚାଳିବା ।

ଭକ୍ତ ଗହଣରେ ନିଜକୁ ହଜାଇ
ବେଢା ପରିକ୍ରମା କରିବା
ଚିତ୍ତକୁ ଚଞ୍ଚଳ ନ କରିକି ଆମେ
ହୃଦୟରେ ଭକ୍ତି ଭରିବା
ଶିବାଳୟେ ଆମେ ଏକାଗ୍ର ମନରେ
ଶିବଙ୍କୁ ହୃଦୟେ ଭାଳିବା ।

ଶିବଙ୍କ କୃପାରେ ଆମରି ଜୀବନ
ନିଶ୍ଚୟ ସାର୍ଥକ ହୋଇବ
ଶିବଙ୍କ ଭକ୍ତିରେ ଆମ ଚକ୍ଷୁ ଜଳ
ଶିବ ପାଦ ନିଶ୍ଚେ ଧୋଇବ
ଶିବଙ୍କର ଆଶୀର୍ବାଦ ଲାଭ କରି
ସର୍ବ ସଙ୍କଟକୁ ଟାଳିବା ।

*ନିହଲ ପ୍ରସାଦ, ଗଁଡିଆ ପାଟଣା , ଢେଙ୍କାନାଳ-୭୫୯୦୧୬*
*ମୋ- ୯୯୩୮୭୪୧୫୮୩*



# ରାତି ଉଜାଗର ରହି

*ମହେନ୍ଦ୍ର କୁମାର ଘଡ଼େଇ*

କାମନା ବେଳାରେ ମଉନ ମଗନ
ରାତି ଉଜାଗର ରହି
ସଂସାର ନାବକୁ ପାରି ହେବାପାଇଁ
ସାଜେ ଗୁହାରିଆ ଯାଇ ।୦।
ମନ ମଇଳାକୁ ପୋଛି ନାହିଁ ବୋଲି
ନ ଜଳେ ହାତର ଦୀପ
ଆଖିବୁଜା ଲୋଭ ମାୟା ମନ୍ତ୍ର ନେଇ
କରେ ମିଛେ ମହାଜପ
ବିଭୂତି ପରାଏ କଳାର କାଳିମା
ପଡୁଥାଏ ବୋଲିହୋଇ
କାମନା ବେଳାରେ ......।୧।
ଶାନ୍ତି ଧରମର ସତପଥ ଦେଖି
ପାରେ ନାହିଁ କେବେ ଚାଲି
ନୀତି ଆଦର୍ଶକୁ ହାତଛଡ଼ା କରି
ଅଜ୍ଞାନ ପସରା ମେଲି
ବିବେକ ଶୂନ୍ୟରେ ଆଶୁତୋଷ ତୋଷ
ହେବା ଜାଣିପାରେ ନାହିଁ
କାମନା ବେଳାରେ ......।୨।

*କ୍ଷେତ୍ରମୋହନ ବିଦ୍ୟାପୀଠ,କଟରପଡ଼ା,ପିଠାପଡ଼ା,ନିଶ୍ଚିନ୍ତକୋଇଲି, କଟକ*
*ମୋ-୯୪୩୭୭୪୦୫୬୬*

# ଜନରାଜ୍ୟ

*ସଂଯୁକ୍ତା ଦାଶ*

ନା ମୁକୁଟ
ନା ସିଂହାସନ
ନା ଅର୍ଥ ପ୍ରତିପତ୍ତି ବାହୁବଳ
ନା ରାଜତନ୍ତ୍ର ନା ଏକଛତ୍ର ଶାସନ ମୁଷ୍ଟିମେୟଙ୍କର
ଛଅସ୍ତରୀ ବର୍ଷ ତଳେ ସେଦିନ
ଦେଶ ସମର୍ପି ଦେଇଥିଲା ନିଜକୁ ଗଣଙ୍କ ହାତରେ
ରାଜଦଣ୍ଡ ଧରିଥିଲେ ସର୍ବସାଧାରଣ

ସତ୍ୟ ନ୍ୟାୟ ସମାନତାର
ପଞ୍ଚମ ବେଦ
ଝଙ୍କୃତ ହୋଇଥିଲା
ଆକୁମାରୀ ହିମାଚଳର ପ୍ରତି ଜନପଦ
ମାନବିକ ଅଧିକାର ସ୍ୱାଧୀନ ଚିନ୍ତନର
ଜାଗ୍ରତ ପ୍ରହରୀଟି ଏଠି
କେବଳ ଦସ୍ତାବିଜ ନୁହେଁ
ଏକ ଚଳ ଚଞ୍ଚଳ ସମ୍ବିଧାନ !

ସ୍ୱାଭିମାନର ମାଟି ପାଦତଳେ
ସ୍ୱାଧୀନ ଆକାଶ ମୁଣ୍ଡ ଉପରେ
ହାତ ମୁଠାରେ ଭୋଟ୍‌ର ଅସ୍ତ୍ର
ସ୍ୱରରେ ଦମ୍ଭ ଏକ ନିର୍ଭୀକ ନାଗରିକର
ଚେତନାରେ ସତ୍ତ୍ୱ ଏକ ସାବଭୌମ ଭୂଖଣ୍ଡର
ସେହିଠାରୁ ଆରମ୍ଭ ହେଲା ଯାତ୍ରା ଜନରାଜ୍ୟର

ଗଣ ହିଁ ଦେଶ
ଗଣ ହିଁ ଶାସକ
ଗଣ ହିଁ ଭାଗ୍ୟ
ଗଣ ବିଧାୟକ
ଗଣ ନିର୍ଣ୍ଣାୟକ
ସର୍ବ ବୃହତ୍ ଗଣତନ୍ତ୍ରର ମୁକୁଟବିହୀନ ସମ୍ରାଟ

ହେଲେ..
ଆଜି ଛଅସ୍ତରୀ ବର୍ଷର ଗଣତନ୍ତ୍ର ଖୋଜୁଛି
ସେଇ ବୁଦ୍ଧି ବିବେକ ନ୍ୟାୟବନ୍ତ ଚରିତ୍ରବାନ୍ 'ଗଣ'ଙ୍କୁ
ଯିଏ ଭୋଟ୍‌କୁ ସୌଦା ନୁହେଁ
ନିଜ ଶକ୍ତି ସାମର୍ଥ୍ୟ ଆଉ ଦାୟିତ୍ୱର ସମ୍ବଳରେ
ସମୃଦ୍ଧ କରିବ ଏ ଦେଶର ଅସ୍ତିତ୍ୱକୁ ।

*ମୋ-୮୪୨୦୮୯୬୫୪୬*



# ପ୍ରୀତିର ଚିଟାଉ

*ଅନସୂୟା ପଣ୍ଡା*

ପ୍ରୀତିର ଚିଟାଉ
ଫୁଲର ବାସ୍ନା ପରି
ଚାରିପାଖେ ଲେଖେ ବିଭୋର ରଚନା
ଅନ୍ତରରୁ ବହୁତ୍ୱଯାଏ ଘନିଷ୍ଠତା
ଭୂମି ଭୂମାଯାଏ ଘନତା
ତିଆରେ ଏକ ଅକୂଳ ଦରିଆ
ପାରିହେବାରେ ବିତିଯାଏ
ଯୁଗ ଯୁଗାନ୍ତର
ତଥାପି ଥାଏ ପ୍ରତୀକ୍ଷଣ
ପ୍ରତ୍ୟନ୍ତରେ ସେ ନୀଳ ଆମନ୍ତ୍ରଣର।
ପ୍ରୀତିମନସ୍କ ଚିଟାଉ
ପ୍ରତୀକ୍ଷିତ ସମ୍ମୋହନର ପ୍ରତିସ୍ନେହ
ଯିଏ ନିର୍ଜୀବକୁ କରେ ସଜୀବ
ପଥରରେ ଭରେ ପ୍ରାଣ
ଭାସିଆସେ ବଂଶୀର ଆମଞ୍ଚନ
ସପ୍ତରଙ୍ଗୀ ଝରର ତେଜରୂପେ ଲାବଣ୍ୟ
ମନରୁ ନୟନରୁ ହୃଦକନ୍ଦରରୁ
ଓଠର ଦରଜାରୁ ପାଦର ପାଉଁଜିରୁ
ଚିରକାଳ ଉର୍ଦ୍ଧ୍ୱ ଉଡାଣ ଭରେ
ଭାଗ୍ୟ ଭବିଷ୍ୟ ସବୁର।

*ବୁର୍ଲା, ସମ୍ବଲପୁର*
*ମୋ-୯୪୩୯୨୧୧୯୭୧*

# ସମ୍ପର୍କ

*ବିନୟ କୁମାର ମିଶ୍ର*

ସମ୍ପର୍କ ସ୍ୱର୍ଗୀୟ ସୁଷମାରେ ଭରା
ବିଧିର ନିର୍ଦ୍ଦିଷ୍ଟ ତାହା,
ଗଢିବା ଭାଙ୍ଗିବା ମଣିଷ ପ୍ରକୃତି
ନିଜେ ବୁଝେନାହିଁ ଯାହା,
ସ୍ୱାର୍ଥ ବିନା କି ସମ୍ପର୍କ,
ତ୍ୟାଗ ଯହିଁ ନାହିଁ ସେ ସମ୍ପର୍କ ଦିନେ
ନିଜେ ହୋଇଯାଏ ନର୍କ।

ବିଭୁ ଇଚ୍ଛା କଲେ ସଂସ୍କାର ଚେତନା
ସମ୍ପର୍କକୁ ଗଢି ଥାଏ,
ବଞ୍ଚେଇ ରଖିବା ମଣିଷ କର୍ତ୍ତବ୍ୟ
ସହିବା ଧୈର୍ଯ୍ୟ ବତାଏ,
ମିଛ ମାୟା ଏ ସଂସାର,
ଭୋଗ ପାଇଁ ସଦା ଇନ୍ଦ୍ରିୟ ତତ୍ପର
ଭାବ ହୁଏ ଚୁରମାର।

ପକ୍ଷୀର ପରକୁ କାଟିଦେଲେ ସିନା
ଜମା ଉଡିପାରେ ନାହିଁ,
ଡେଣା କାଟିଦେଲେ ମରିଯାଏ ସିନା
ପକ୍ଷୀ ବିନା ଜିଇଥାଇ,
ସମୟ, ମିଛ ବାହାନା,
ଛଳ ସ୍ୱାର୍ଥ ଧୋକା ପ୍ରତାରଣା ସବୁ
ପକ୍ଷୀ କଟିବା ତୁଳନା,
ହୃଦୟରୁ ପୋଛି ଦେଲେ
ଡେଣା କଟିଯାଏ ଜୀବନ ଜିଇବା
କଷ୍ଟ ହୁଏ ସେତେବେଳେ।

ଯେତେଦିନ ଯାଏଁ ନିଜକୁ ମିଶାଇ
ହଁଅଁ ହାଁଆଁ କରୁଥିବ,
ଯିଏ ଯାହା ମନ ତାହା କରୁଥିବ
ରୋଧ କାରେ ନ କରିବ,
ସମ୍ପର୍କ ଅତୁଟ ଥିବ,
ଅକ୍ଷମ ମଣିଷ ଧୈର୍ଯ୍ୟ ତାର ନାହିଁ
ସମ୍ପର୍କ କାହୁଁ ରଖିବ ?

*ମଲ୍ଲିପୁର, ଗଡ଼ନିଆଳ, ଖୋର୍ଦ୍ଧା*



# ପରିବର୍ତ୍ତନର ରଙ୍ଗ

*ଶରତ ଦାଶ*



ରଜ ଦୋଳି ଖେଳ ପାଶୋର ଗଲାଣି
କୁମାର ପୂର୍ଣ୍ଣମୀ ଜହ୍ନ
କେବେଠୁ ମହତ୍ତ୍ୱ ହରାଇ ଦେଲାଣି
କେବଳ ରହିଛି ଚିହ୍ନ ॥
ଷଠିଘର ଆଉ ହେଉନି କାନ୍ଥରେ
ଏନ୍ତୁଡ଼ି ଜଳୁନି ଆଉ
ତିଥିବାର ଦେଖି ଅସ୍ତ ଉପଚାରେ
ଜନ୍ମିଲେ ବଢ଼ଇ ଭାଉ ॥
ପିଠାପଣା ଆଉ ଦୋଳଯାତାରାରେ
ହେଉନାହିଁ ଘରେ ଘରେ
ଦୁତିଆ ଓଷାର ନାହିଁ ସେ ଉତ୍ସାହ
ସାବିତ୍ରୀ ଗଲାଣି ଦୂରେ ॥
ସୁଦଶାବ୍ରତର ମହତ ସାରିଛି
ଓଡ଼ିଆ ବାଉଳା ମନ
ଚାନ୍ଦଓଷା ଏବେ କରୁନାହିଁ ମାଆ
ସନ୍ତାନ ସୁଖ କାରଣ ॥
କାର୍ତ୍ତିକ ମାସରେ ଗାଆଁରେ ଗାଆଁରେ
ରାହାସ ହୁଅଇ ନାହିଁ
ଭକ୍ତିଭାବ ସବୁ ଗଲାଣି ଚୁଲିକୁ
ପ୍ରଦର୍ଶନେ ସର୍ବେ ବାଇ ।।
ବିବାହପୂର୍ବରୁ ନାହିଁ ଆଉ ଏବେ
ମଙ୍ଗନର ରୀତିନୀତି
ମେହେନ୍ଦିର ସମ୍ ସଙ୍ଗୀତରେ ଏବେ
ବିତୁଛି ଅନେକ ରାତି ॥
ବିବାହ ପୂର୍ବରୁ ବରକନ୍ୟା ଏବେ
କରୁଛନ୍ତି ପ୍ରେମଲୀଳା
କି ଥିଲା ଏ ରାଜ୍ୟ କି ହୋଇଲା ଆଜ
ଭାବିଲେ ବୁଡ଼ଇ ଭେଳା ॥
ନିଜ ପରମ୍ପରା ସବୁ ଖାଇ ଆମେ
ବିକାଶେ ଯାଇଛୁ ମାତି
ପର ପରମ୍ପରା ରୀତିନୀତି ସବୁ
ଆଦରିଛୁ କରି ପ୍ରୀତି ॥
ଅସ୍ମିତା ଆମର କେବେଠୁ ମଲାଣି
ଖାଲି ପଡ଼ିଛି ତା ଶବ
ନେତା ଅସ୍ମିତାର ଭାଷଣରେ ଲିପ୍ତ
କରିବାକୁ ମତ ଲାଭ ॥

*ଭୁବନେଶ୍ୱର*

# ପ୍ରେମିକଟେ ହେବା...

*ସତ୍ୟବ୍ରତ ସାହୁ*



ମୁଁ ପ୍ରେମିକଟେ ହେବା ପସନ୍ଦ କରିବି କବିଟେ ନହେଲେ ନାହିଁ
ପ୍ରେମିକ ମନରେ ଯେତେ ଆକୁଳତା କବିଟେ ମନରେ କାହିଁ ! (୦)

ପ୍ରେମିକଟେ ହେଲେ ଇଚ୍ଛା ମୁଁ କରିବି ବୁଝିବାକୁ କାହା ମନ
ହୃଦୟରେ ଛୁପା ମନକଥା ଆଉ ତାର ମାନ, ଅଭିମାନ
ଦୁଃଖ ଦୁନିଆରୁ ସୁଖ ସାଉଁଟିବି ଖୁସି ତାରେ ଦେବାପାଇଁ।
ମୁଁ ପ୍ରେମିକଟେ ହେବା.....(୧)

ପ୍ରେମିକଟେ ସିନା ତୋଳି ଆଣିପାରେ ସରଗରୁ ପାରିଜାତ
ପ୍ରିୟତମା ପାଇଁ ସାରା ଜଗତକୁ କରିପାରେ ପରାଜିତ
ପ୍ରେମିକପଣରୁ ଟିକେ ଆଗେଇଲେ କବିଟିଏ ଯିବି ହୋଇ।
ମୁଁ ପ୍ରେମିକଟେ ହେବା.....(୨)

ମୁଁ ପ୍ରେମିକଟେ ହେବା ପସନ୍ଦ କରିବି କବିଟେ ନହେଲେ ନାହିଁ
ପ୍ରେମିକ ମନରେ ଯେତେ ଆକୁଳତା କବିଟେ ମନରେ କାହିଁ ! (୦)

*ପଲ୍ଲୀସାହି, କମାଳପୁର, ଅହିୟାସ, ଯାଜପୁର-୭୫୫୦୩୬*
*ମୋ-୮୯୧୭୨୭୩୫୪୫*

## ଆୟର୍ଲାଣ୍ଡକୁ ଲାଗିଲା ଶକ୍ତ ଝଟ୍‌କା

# ଟି୨୦ ବିଶ୍ୱକପ୍‌ରୁ ବାଦ୍ ପଡ଼ିଲେ ଅଧିନାୟକ ପଲ ଷ୍ଟର୍ଲିଙ୍ଗ



**ନୂଆଦିଲ୍ଲୀ**

୨୦୨୬ ଟି୨୦ ବିଶ୍ୱକପରେ ଆୟର୍ଲାଣ୍ଡ କ୍ରିକେଟ ଦଳକୁ ଏକ ବଡ଼ ଝଟ୍‌କା ଲାଗିଛି। ଦଳର ଅଧିନାୟକ ପଲ ଷ୍ଟର୍ଲିଙ୍ଗ ଆଘାତ ଯୋଗୁ ସମଗ୍ର ଟୁର୍ଣ୍ଣାମେଣ୍ଟରୁ ବାଦ୍ ପଡ଼ିଛନ୍ତି। ଅଷ୍ଟ୍ରେଲିଆ ବିପକ୍ଷ ମ୍ୟାଚ୍ ସମୟରେ ଷ୍ଟର୍ଲିଙ୍ଗ ଏହି ଆଘାତ ପାଇଥିଲେ। ଆୟର୍ଲାଣ୍ଡର ପରବର୍ତ୍ତୀ ମ୍ୟାଚ୍ ଶନିବାର ଓମାନ ବିପକ୍ଷରେ।

ଜୋଶ ଇଙ୍ଗଲିସଙ୍କଠାରୁ ଏକ କ୍ୟାଚ୍ ନେବା ସମୟରେ ପଲ ଷ୍ଟର୍ଲିଙ୍ଗ ଆହତ ହୋଇଥିଲେ। ତାଙ୍କ ଆଣ୍ଠୁ ମାଟିରେ ଜୋରରେ ବାଜିଥିଲା। କ୍ୟାଚ୍ ପରେ ଷ୍ଟର୍ଲିଙ୍ଗ ପଡ଼ିଆ ଛାଡ଼ିଦେଇ ଥିଲେ। ଲୋରକାନ ଟକର ଅଷ୍ଟ୍ରେଲିଆ ବିପକ୍ଷରେ ଅଧିନାୟକ ଦାୟିତ୍ୱ ଗ୍ରହଣ କରିଥିଲେ। ପଲ ଷ୍ଟର୍ଲିଙ୍ଗ ଅଷ୍ଟ୍ରେଲିଆ ବିପକ୍ଷରେ ବ୍ୟାଟିଂ କରିବାକୁ ଆସିଥିଲେ, କିନ୍ତୁ ଏକ ରନ ଚେଷ୍ଟା କରିବା ସମୟରେ ତାଙ୍କ ଆଣ୍ଠୁ ମୋଡ଼ି ଯାଇଥିଲା ଏବଂ ତାଙ୍କୁ ହର୍ଟ ହେବା ପରେ ଅବସର ନେବାକୁ ପଡିଥିଲା। ବର୍ତ୍ତମାନ, ଷ୍ଟର୍ଲିଙ୍ଗ ପୁରା ଟୁର୍ଣ୍ଣାମେଣ୍ଟରୁ ବାହାର ହୋଇଯାଇଛନ୍ତି। ଆୟର୍ଲାଣ୍ଡର ହାଇ ପରଫର୍ମାନ୍ସ ନିର୍ଦ୍ଦେଶକ, ଗ୍ରେମ ୱେଷ୍ଟ କହିଛନ୍ତି ଯେ ଷ୍ଟର୍ଲିଙ୍ଗଙ୍କ ଅଭିଜ୍ଞତା ହରାଇବା ଦଳ ପାଇଁ ଏକ ବଡ଼ ଆଘାତ। ଷ୍ଟର୍ଲିଙ୍ଗଙ୍କ ବଦଳ ଭାବରେ, ୨୦ ବର୍ଷୀୟ ଅନକ୍ୟାପଡ ୱିକେଟକିପର-ବ୍ୟାଟସମ୍ୟାନ ସାମ ଟପିଂ ଆୟର୍ଲାଣ୍ଡ ଦଳରେ ଯୋଗ ଦେଇଛନ୍ତି।

# ୧୯ ବର୍ଷ ପରେ ହାରିଲା ଅଷ୍ଟ୍ରେଲିଆ : ୨୩ ରନରେ ହରାଇଲା ଜିମ୍ବାୱେ

**କଲୋମ୍ବୋ**

ଟି-୨୦ ବିଶ୍ୱକପ୍ ୨୦୨୬ର ୧୯ତମ ମ୍ୟାଚ୍‌ରେ ଏକ ବଡ଼ ବିପର୍ଯ୍ୟୟ ଦେଖିବାକୁ ମିଳିଛି। ଶକ୍ତିଶାଳୀ ଅଷ୍ଟ୍ରେଲିଆକୁ ୨୩ ରନରେ ପରାସ୍ତ କରି ଜିମ୍ବାୱେ କ୍ରିକେଟ ଜଗତକୁ ଚକିତ କରିଦେଇଛି। କଲୋମ୍ବୋର ଆର. ପ୍ରେମଦାସା ଷ୍ଟାଡିୟମରେ ଖେଳାଯାଇଥିବା ଏହି ରୋମାଞ୍ଚକର ମୁକାବିଲାରେ ଜିମ୍ବାୱେ ଉଭୟ ବ୍ୟାଟିଂ ଓ ବୋଲିଂରେ ଚମତ୍କାର ପ୍ରଦର୍ଶନ କରି ବିଜୟ ହାସଲ କରିଛି।

ଟସ୍ ଜିତି ଅଷ୍ଟ୍ରେଲିଆ ପ୍ରଥମେ ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲା। ଜିମ୍ବାୱେ ନିର୍ଦ୍ଧାରିତ ୨୦ ଓଭରରେ ମାତ୍ର ୨ଟି ଉଇକେଟ୍ ହରାଇ ୧୬୯ ରନ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ଓପନର ବ୍ରାଏନ୍ ବେନେଟ୍ ସର୍ବାଧିକ ୬୪ ରନ୍ କରି ଦଳକୁ ଏକ ସମ୍ମାନଜନକ ସ୍ଥିତିରେ ପହଞ୍ଚାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଟାଡିୱାନାସେ ମାରୁମାନି ଓ ରୟାନ୍ ବର୍ଲ ୩୫ ରନ୍ ଲେଖାଏଁ କରିଥିବାବେଳେ ଅଧିନାୟକ ସିକନ୍ଦର ରଜା ଶେଷ ଆଡକୁ ୨୫ ରନର ଏକ ବିସ୍ଫୋରକ ଇନିଂସ ଖେଳିଥିଲେ।

୧୭୦ ରନର ଲକ୍ଷ୍ୟ ନେଇ ପଡ଼ିଆକୁ ଓହ୍ଲାଇଥିବା ଅଷ୍ଟ୍ରେଲିଆ ଦଳ ଆରମ୍ଭରୁ ହିଁ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ପାୱାରପ୍ଲେ ମଧ୍ୟରେ ଦଳ ମାତ୍ର ୩୮ ରନରେ ୪ଟି ଗୁରୁତ୍ୱପୂର୍ଣ୍ଣ ଉଇକେଟ୍ ହରାଇଥିଲା।



ଅଷ୍ଟ୍ରେଲିଆର ଷ୍ଟାର୍ ଖେଳାଳି ଫ୍ଲପ୍ ସବୁ ହୋଇଥିଲେ। ଜଶ୍ ଇଂଲିସ୍ (୮), ଟ୍ରାଭିସ୍ ହେଡ୍ (୧୭) ଓ ଗ୍ଲେନ୍ ମ୍ୟାକ୍ସୱେଲ (୩୧) ବଡ଼ ସ୍କୋର କରିବାରେ ବିଫଳ ହୋଇଥିଲେ। କ୍ୟାମେରନ୍ ଗ୍ରୀନ୍ ଓ ଟିମ୍ ଡେଭିଡ୍ ଶୂନ୍ୟ ରନରେ ଆଉଟ୍ ହୋଇ ନିରାଶ କରିଥିଲେ। ତେବେ ମ୍ୟାଟ୍ ରେନଶା (୬୫) ଏକାକୀ ଲଢ଼େଇ କରି ଦଳକୁ ଜିତାଇବାକୁ ଚେଷ୍ଟା କରିଥିଲେ ସୁଦ୍ଧା ଅନ୍ୟ କୌଣସି ବ୍ୟାଟରଙ୍କ ସହଯୋଗ ମିଳିନଥିଲା। ଶେଷରେ ୧୯.୩ ଓଭରରେ ଅଷ୍ଟ୍ରେଲିଆ ୧୪୬ ରନରେ ଅଲଆଉଟ୍ ହୋଇଯାଇଥିଲା।

ଜିମ୍ବାୱେ ପକ୍ଷରୁ ଘାତକ ବୋଲିଂ କରି ବ୍ଲେସିଂ ମୁଜାରବାନୀ ସର୍ବାଧିକ ୪ଟି ଉଇକେଟ୍ ନେଇଥିବା ବେଳେ ବ୍ରାଡ୍ ଇଭାନ୍ସ ୩ଟି ସଫଳତା ପାଇଥିଲେ। ମ୍ୟାଚର ଶେଷ ଉଇକେଟ୍ ଭାବେ ମାଥ୍ୟୁ କୁହ୍ନେମ୍ୟାନ୍ ରନ୍ ଆଉଟ୍ ହେବା ସହ ଜିମ୍ବାୱେ ୨୩ ରନର ଏକ ଐତିହାସିକ ବିଜୟ ଉତ୍ସବ ପାଳନ କରିଥିଲା।

# ରାଜସ୍ଥାନ ରୟାଲ୍ସର ଅଧିନାୟକ ହେଲେ ରିୟାନ୍ ପରାଗ



**ନୂଆଦିଲ୍ଲୀ**

ଆଇପିଏଲ ୨୦୨୬ ସଂସ୍କରଣ ପୂର୍ବରୁ, ରାଜସ୍ଥାନ ରୟାଲ୍ସ ଦଳର ନୂତନ ଅଧିନାୟକ ନିଯୁକ୍ତ କରିବାକୁ ଯାଉଛି। ଗତ ସିଜିନରୁ ବଡ଼ ପରିବର୍ତ୍ତନ ଯୋଗୁଁ ଏହି ନିଷ୍ପତ୍ତି ନିଆଯାଉଛି। ଗତ ଅନେକ ସିଜିନ ଧରି ରାଜସ୍ଥାନର ନେତୃତ୍ୱ ନେଇଥିବା ସଞ୍ଜୁ ସାମସନ ଏବେ ଚେନ୍ନାଇ ସୁପର କିଙ୍ଗ୍‌ସକୁ ଚାଲି ଯାଇଛନ୍ତି। ସାମସନ ୨୦୨୫ରେ ଆଘାତ ଯୋଗୁଁ ୮ଟି ମ୍ୟାଚ୍ ଖେଳିନଥିଲେ। ଦଳ ମାତ୍ର ୪ଟି ମ୍ୟାଚ୍ ଜିତି ଦ୍ୱିତୀୟ ସ୍ଥାନରେ ରହିଥିଲା। ଏହା ପରେ, ସାମସନ ନିଜେ ପରିବର୍ତ୍ତନ ପାଇଁ ଇଚ୍ଛା ପ୍ରକାଶ କରିଥିଲେ ଏବଂ ତାଙ୍କୁ ଟ୍ରେଡ୍ ମାଧ୍ୟମରେ ସିଏସକେ ପଠାଯାଇଥିଲା। ଏବେ ଦଳକୁ ଜଣେ ନୂଆ ଅଧିନାୟକ ମିଳିବାକୁ ଯାଉଛି। ଇଏସପିଏନ କ୍ରିସିନଫୋର ଏକ ରିପୋର୍ଟ ଅନୁସାରେ, ରାଜସ୍ଥାନ ରୟାଲ୍ସ ଆଇପିଏଲ ୨୦୨୬ ପାଇଁ ଜଣେ ନୂଆ ଅଧିନାୟକଙ୍କୁ ମନୋନୀତ କରିଛି। ୨୪ ବର୍ଷୀୟ ରିୟାନ୍ ପରାଗଙ୍କୁ ଦଳର ଅଧିନାୟକ ଭାବରେ ନିଯୁକ୍ତ କରାଯାଇଛି। ରିୟାନ୍ ପରାଗ ୨୦୧୯ରୁ ରାଜସ୍ଥାନ ରୟାଲ୍ସ ସହିତ ଅଛନ୍ତି। ଗତ ସିଜନରେ, ଯେତେବେଳେ ସଞ୍ଜୁ ସାମସନ ଆହତ ହୋଇଥିଲେ, ପରାଗ ୮ଟି ମ୍ୟାଚ୍ ପାଇଁ ଅଧିନାୟକତ୍ୱ କରିଥିଲେ, ଯାହା ଫଳରେ ସେ ୨ଟି ବିଜୟ ହାସଲ କରିଥିଲେ। ତାଙ୍କର ଭଲ ପ୍ରଦର୍ଶନ ପାଇଁ କୋଲକାତା ନାଇଟ୍ ରାଇଡର୍ସ ବିପକ୍ଷରେ ୯୫ ରନର ଇନିଂସ ମଧ୍ୟ ସାମିଲ।

ରିପୋର୍ଟ ଅନୁଯାୟୀ, ଦଳ ପରିଚାଳନା ଏହି ନିଷ୍ପତ୍ତି ନେବା ପୂର୍ବରୁ, ମୁଖ୍ୟ ପ୍ରଶିକ୍ଷକ କୁମାର ସାଙ୍ଗାକାରା ଅନେକ ଖେଳାଳିଙ୍କ ସହ କଥା ହୋଇଥିଲେ। ପରାଗଙ୍କୁ ସବୁଠାରୁ ଉପଯୁକ୍ତ ବୋଲି ବିବେଚନା କରାଯାଇଥିଲା। ଏହା ଆରଆର ପାଇଁ ଏକ ନୂଆ ଯୁଗର ଆରମ୍ଭ ବୋଲି ମଧ୍ୟ ଦର୍ଶାଯାଉଛି। କାରଣ ରାହୁଲ ଦ୍ରାବିଡଙ୍କ ପରେ, ସାଙ୍ଗାକାରା ବର୍ତ୍ତମାନ ମୁଖ୍ୟ ପ୍ରଶିକ୍ଷକ ଏବଂ ଦଳକୁ ନୂଆ ଅଧିନାୟକ ମଧ୍ୟ ମିଳିଛନ୍ତି। ଏହାର ଅର୍ଥ ହେଉଛି ନୂଆ ରାଜସ୍ଥାନ ରୟାଲ୍ସ ଦଳ ଏବେ ସେମାନଙ୍କର ଟାଇଟଲ୍ ମରୁଡ଼ି ଶେଷ କରିବାକୁ ଲକ୍ଷ୍ୟ ରଖିଛି। ରାଜସ୍ଥାନ ଏହାର ପ୍ରଥମ ସିଜିନ୍ ପରଠାରୁ ଗୋଟିଏ ବି ଟାଇଟଲ୍ ଜିତିନାହିଁ।

ରିୟାନ ପରାଗ ଏପର୍ଯ୍ୟନ୍ତ ଆଇପିଏଲରେ ୮୪ଟି ମ୍ୟାଚ୍ ଖେଳି ୧୫୬୬ ରନ କରିଛନ୍ତି ଏବଂ ୭ଟି ୱିକେଟ ନେଇଛନ୍ତି। ତାଙ୍କର ସର୍ବୋତ୍ତମ ସିଜନ ୨୦୨୪ ଥିଲା, ଯେଉଁଠାରେ ସେ ୫୭୩ ରନ କରିଥିଲେ। ଏହି ସମୟ ମଧ୍ୟରେ ତାଙ୍କର ହାରାହାରି ୫୨.୦୯ ଏବଂ ତାଙ୍କର ଷ୍ଟ୍ରାଇକ୍ ରେଟ୍ ୧୪୯.୨୧ ଥିଲା। ଗତ ସିଜନରେ ମଧ୍ୟ ସେ ୩୯୩ ରନ କରିଥିଲେ। ୧୬୬.୫୨ ଷ୍ଟ୍ରାଇକ୍ ରେଟରେ ଥିଲା।

# ବିଶ୍ୱକପ୍ କେବଳ ଖେଳିବା ନୁହେଁ ବରଂ ଟ୍ରଫି ଜିତିବା ମୋର ଲକ୍ଷ୍ୟ : ରୋହିତ ଶର୍ମା

**ନୂଆଦିଲ୍ଲୀ**

ବର୍ତ୍ତମାନ ଭାରତ ଏବଂ ଶ୍ରୀଲଙ୍କା ଦ୍ୱାରା ମିଳିତ ଭାବରେ ଆୟୋଜିତ ହେବାକୁ ଥିବା ୨୦୨୬ ଟି୨୦ ବିଶ୍ୱକପ୍ ଉପରେ ସମସ୍ତଙ୍କର ଧ୍ୟାନ ରହିଛି। ୨୦୨୭ରେ ଦିନିକିଆ ବିଶ୍ୱକପରେ ଅଂଶଗ୍ରହଣକାରୀ ଦଳଗୁଡ଼ିକ ସେମାନଙ୍କର ପ୍ରସ୍ତୁତି ଆରମ୍ଭ କରିଦେଇଛନ୍ତି। ରୋହିତ ଶର୍ମା, ଯାହାଙ୍କ ଅଧିନାୟକତ୍ୱରେ ଭାରତୀୟ ଦଳ ୨୦୨୪ ଟି୨୦ ବିଶ୍ୱକପ୍ ଏବଂ ତା'ପରେ ୨୦୨୫ ପ୍ରାରମ୍ଭରେ ଆଇସିସି ଚାମ୍ପିଅନ୍ସ ଟ୍ରଫି ଜିତିଥିଲା, ସେ ଏବେ ୱାନଡେ ୱାର୍ଲ୍ଡ କପ୍ ଜିତିବାର ସ୍ୱପ୍ନ ଦେଖୁଛନ୍ତି। ରୋହିତ ଅନ୍ତର୍ଜାତୀୟ କ୍ରିକେଟର ଦୁଇଟି ଫର୍ମାଟରୁ ଅବସର ନେବା ପରଠାରୁ ଏକ ଦିବସୀୟ ବିଶ୍ୱକପ୍‌ରୁ ଅବସର ନେବା ନେଇ ଅନୁମାନ କରୁଛନ୍ତି।



ହିଟମ୍ୟାନ୍ ରୋହିତ ଏବେ ଏକ ବିବୃତ୍ତି ସହିତ ସବୁକିଛି ସ୍ପଷ୍ଟ କରିଛନ୍ତି।

ଆଇସିସିର ଏକ ଇଭେଣ୍ଟରେ ଓଡିଆଇ ବିଶ୍ୱକପ୍ ୨୦୨୬ର ବ୍ରାଣ୍ଡ ଆମ୍ବାସାଡର ରୋହିତ ଶର୍ମାଙ୍କୁ ପଚରାଯିବାରୁ ସେ ଖୋଲାଖୋଲି ଭାବରେ କଥା ହୋଇଥିଲେ। ରୋହିତ ଶର୍ମା କହିଥିଲେ, "ମୁଁ ନିଶ୍ଚିତ ଭାବରେ ମୋ ଦେଶ ପାଇଁ ଏକ ବିଶ୍ୱକପ୍ ଜିତିବାକୁ ଚାହେଁ। ଏହା ସର୍ବଦା ମୋର ସ୍ୱପ୍ନ ଥିଲା। ମୁଁ ୫୦ ଓଭର ବିଶ୍ୱକପ୍ ଦେଖି ବଡ଼ ହୋଇଥିଲି, ଏବଂ ସେତେବେଳେ ନା ଟି୨୦ ବିଶ୍ୱକପ୍ ଥିଲା ନା ଆଇପିଏଲ। ଏହା ସେତେବେଳେ ସବୁଠାରୁ ବଡ଼ କ୍ରିକେଟ୍ ଇଭେଣ୍ଟ ଥିଲା, ଯାହା ପ୍ରତି ଚାରି ବର୍ଷରେ ଥରେ ଅନୁଷ୍ଠିତ ହେଉଥିଲା ଏବଂ ଆମେ ସମସ୍ତେ ଏହାକୁ ଉତ୍ସାହର ସହିତ ଅପେକ୍ଷା କରିଥିଲୁ। ତେଣୁ, ସେହି ଟ୍ରଫିର ଅତ୍ୟନ୍ତ ଗୁରୁତ୍ୱ ଥିଲା ଏବଂ ଏହାକୁ ଜିତିବାର ଇଚ୍ଛା ମଧ୍ୟ ଥିଲା। ଏହା ସତ୍ୟ ଯେ ମୁଁ ପ୍ରକୃତରେ ସେହି ଟ୍ରଫି ଚାହୁଁଛି, ତେଣୁ ମୁଁ ଏହାକୁ ଜିତିବା ପାଇଁ ମୋର ସର୍ବୋତ୍ତମ ଚେଷ୍ଟା କରିବି।"

୨୦୨୬ ଟି-୨୦ ବିଶ୍ୱକପ୍ ସମାପ୍ତ ହେବା ପରେ, ଟିମ୍ ଇଣ୍ଡିଆର ପ୍ରସ୍ତୁତି ପୁଣିଥରେ ଦିନିକିଆ ବିଶ୍ୱକପ୍ ଉପରେ କେନ୍ଦ୍ରିତ ହେବ। ନ୍ୟୁଜିଲାଣ୍ଡ ବିପକ୍ଷ ଦିନିକିଆ ସିରିଜରେ ରୋହିତ ଶର୍ମାଙ୍କ ବ୍ୟାଟିଂ ଫର୍ମ ଆଶାନୁରୂପ ନଥିଲେ ମଧ୍ୟ, ଏହା ପୂର୍ବରୁ ଦକ୍ଷିଣ ଆଫ୍ରିକା ବିପକ୍ଷ ସିରିଜରେ ତାଙ୍କର ପ୍ରଦର୍ଶନ ବହୁତ ଭଲ ଥିଲା। ଏହା ବ୍ୟତୀତ, ରୋହିତ ଗତ କିଛି ମାସ ଧରି ତାଙ୍କ ଫିଟନେସ ଉପରେ ମଧ୍ୟ ବ୍ୟାପକ ଭାବରେ କାମ କରିଛନ୍ତି, ଯାହାର ପ୍ରଭାବ ପଡ଼ିଆରେ ସ୍ପଷ୍ଟ ଭାବରେ ଦେଖାଯାଉଛି। ଏହା ଉଲ୍ଲେଖନୀୟ ଯେ ଟିମ୍ ଇଣ୍ଡିଆ ଇଂଲଣ୍ଡ ଗସ୍ତରେ ଏହାର ପରବର୍ତ୍ତୀ ଦିନିକିଆ ସିରିଜ ଖେଳିବାର କାର୍ଯ୍ୟକ୍ରମ ରହିଛି।

# ୧୫ରେ ଭାରତ-ପାକିସ୍ତାନ ମ୍ୟାଚ୍



**ନୂଆଦିଲ୍ଲୀ**

ଭାରତ ଏବଂ ପାକିସ୍ତାନ ମଧ୍ୟରେ ମହାମୁକାବିଲା ଫେବୃୟାରୀ ୧୫ରେ ଖେଳାଯିବ। ପିସିବି ତାଙ୍କ ନିଷ୍ପତ୍ତିରେ ୟୁ-ଟର୍ଣ୍ଣ ନେଇଛି। ଏହାର ଅର୍ଥ ହେଉଛି ଯେ, ପ୍ରଶଂସକମାନେ ପୁଣି ଥରେ କଲମ୍ବୋ ପିଚ୍‌ରେ ଏକ ରୋମାଞ୍ଚକର ପ୍ରତିଯୋଗିତା ଦେଖିବେ। ଏସିଆ କପ ଫାଇନାଲ ପରେ ଭାରତ ଏବଂ ପାକିସ୍ତାନ ପ୍ରଥମ ଥର ପାଇଁ ପରସ୍ପର ସହିତ ମୁହାଁମୁହିଁ ହେବେ।

ଫେବୃୟାରୀ ୧୨ରୁ କଲମ୍ବୋରେ ପାଗ ଅତ୍ୟନ୍ତ ଖରାପ ହେବାର ଆଶା କରାଯାଉଛି। ଫେବୃୟାରୀ ୧୨ରୁ ୧୪ ତାରିଖ ପର୍ଯ୍ୟନ୍ତ ଶ୍ରୀଲଙ୍କାର ଏହି ସହରରେ ପ୍ରବଳ ବର୍ଷା ହେବାର ସମ୍ଭାବନା ଅଛି। କ୍ରିକେଟ ପ୍ରେମୀଙ୍କ ପାଇଁ ଖୁସି ଖବର ହେଉଛି ଯେ, ଫେବୃୟାରୀ ୧୫ରେ ଭାରତ-ପାକିସ୍ତାନ ମ୍ୟାଚ ଦିନ ପାଗ ମେଘୁଆ ରହିବ, କିନ୍ତୁ ବର୍ଷାର ସମ୍ଭାବନା କମ୍। ଏହାର ଅର୍ଥ ହେଉଛି ପ୍ରଶଂସକମାନେ ଏକ ରୋମାଞ୍ଚକର ୪୦ ଓଭର ମ୍ୟାଚ ଆଶା କରିପାରିବେ। ବର୍ଷା ମ୍ୟାଚ ବାଧାପ୍ରାପ୍ତ କରିବାର ସମ୍ଭାବନା ନାହିଁ।

କ୍ରିକେଟର ସବୁଠାରୁ ଛୋଟ ଫର୍ମାଟରେ ଟିମ ଇଣ୍ଡିଆ ଏବଂ ପାକିସ୍ତାନ ୧୩ ଥର ମୁହାଁମୁହିଁ ହୋଇଛନ୍ତି, ଯେଉଁଥିରୁ ଭାରତ ୧୦ଟି ମ୍ୟାଚ ଜିତିଛି। ପାକିସ୍ତାନ କେବଳ ତିନୋଟିରେ ବିଜୟୀ ହୋଇଛି। ଏସିଆ କପ ୨୦୨୫ରେ ଭାରତ ମଧ୍ୟ ତିନି ଥର ପାକିସ୍ତାନକୁ ପରାସ୍ତ କରିଥିଲା।

# ଫକୀରମୋହନ ବିଶ୍ୱବିଦ୍ୟାଳୟରେ ପୂର୍ବାଞ୍ଚଳ ଆନ୍ତବିଶ୍ୱବିଦ୍ୟାଳୟ ଖୋ-ଖୋ (ମହିଳା) ପ୍ରତିଯୋଗିତା ସମାପ୍ତ

**ବାଲେଶ୍ୱର, ନ୍ୟୁଜ୍**

ଫକୀରମୋହନ ବିଶ୍ୱବିଦ୍ୟାଳୟ ପକ୍ଷରୁ ୧୦ରୁ ୧୩ ଫେବୃୟାରୀ ୨୦୨୬ ପର୍ଯ୍ୟନ୍ତ ଆୟୋଜିତ ପୂର୍ବାଞ୍ଚଳ ଆନ୍ତଃବିଶ୍ୱବିଦ୍ୟାଳୟ ଖୋ-ଖୋ (ମହିଳା) ପ୍ରତିଯୋଗିତା-୨୦୨୬ ଉତ୍ସାହ ଓ କ୍ରୀଡ଼ା ମନୋଭାବ ମଧ୍ୟରେ ସଫଳତାର ସହ ସମାପ୍ତ ହୋଇଯାଇଛି। ପୂର୍ବ ଭାରତର ସାତଟି ରାଜ୍ୟରୁ ଆସିଥିବା ୨୭ଟି ବିଶ୍ୱବିଦ୍ୟାଳୟ ଦଳ ଯୋଗ୍ୟତା ପର୍ଯ୍ୟାୟରେ ଅଂଶଗ୍ରହଣ କରିଥିଲେ।

ଚାରିଦିନିଆ ଏହି କ୍ରୀଡ଼ା ଉତ୍ସବରେ ପ୍ରାୟ ୫୦୦ ଛାତ୍ରୀ ନିଜ କ୍ରୀଡ଼ା ଯୋଗ୍ୟତା ଓ ଅନ୍ତିମ ପର୍ଯ୍ୟାୟରେ ଉତ୍କୃଷ୍ଟ ପ୍ରତିଭା, ଶୃଙ୍ଖଳା ଓ କ୍ରୀଡ଼ାସ୍ଫୂର୍ତ୍ତିର ପ୍ରଦର୍ଶନ କରିଥିଲେ। ସମାପନୀ ଓ ପୁରସ୍କାର ବିତରଣୀ ଉତ୍ସବ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ହୋଇଥିଲା। ନିଜ ଅଭିଭାଷଣରେ ସେ ସମସ୍ତ ଦଳକୁ ଉତ୍ସାହପୂର୍ଣ୍ଣ ପ୍ରଦର୍ଶନ ପାଇଁ ଅଭିନନ୍ଦନ ଜଣାଇ, ସମର୍ପଣ, ସମନ୍ୱୟ ଓ ପ୍ରତିସ୍ପର୍ଦ୍ଧାମୂଳକ କୌଶଳକୁ ପ୍ରଶଂସା କରିଥିଲେ।



ଧ୍ୱଜାବତରଣୀ ଅବସରରେ ଭାରତୀୟ ବିଶ୍ୱବିଦ୍ୟାଳୟ ସଂଘର ଅଧିକୃତ ପର୍ଯ୍ୟବେକ୍ଷକ ଡ଼କ୍ଟର ନରେଶ କୁମାର ଉପସ୍ଥିତ ରହିଥିଲେ। ସେ ପ୍ରତିଯୋଗିତାର ସୁଚିନ୍ତିତ ପରିକଳ୍ପନା ଓ ସୁଚାରୁ ପରିଚାଳନା ପାଇଁ ଫକୀରମୋହନ ବିଶ୍ୱବିଦ୍ୟାଳୟକୁ ପ୍ରଶଂସା କରିଥିଲେ। ଏହି ଅବସରରେ ସ୍ନାତକୋତ୍ତର ପରିଷଦ ଅଧ୍ୟକ୍ଷ ପ୍ରଫେସର ଭାସ୍କର ବେହେରା ଓ କ୍ରୀଡ଼ା ପରିଷଦ ନିର୍ଦ୍ଦେଶକ ପ୍ରଫେସର ପବିତ୍ର ମୋହନ ନାୟକ ଉପସ୍ଥିତ ରହି କ୍ରୀଡ଼ାରେ ବିଜୟୀ ପ୍ରତିଯୋଗୀମାନଙ୍କୁ ଉତ୍ସାହିତ କରିଥିଲେ ଏବଂ ଏହି ଗୌରବମୟ ଆୟୋଜନରେ ସହଯୋଗ ଓ ସଫଳ କରିଥିବା ହେତୁ ଦଳର କୋଚ୍, ମ୍ୟାନେଜର, ରେଫେରୀ ଓ ସ୍ୱେଚ୍ଛାସେବୀମାନଙ୍କୁ ଅଭିନନ୍ଦନ ଜଣାଇଥିଲେ।

ଆସନ୍ତା ସମଗ୍ର ଭାରତ ଅନ୍ତ-ବିଭାଗୀୟ ଆନ୍ତଃବିଶ୍ୱବିଦ୍ୟାଳୟ ଖୋ-ଖୋ (ମହିଳା) ପ୍ରତିଯୋଗିତା, ଯାହା ମୁମ୍ବାଇସ୍ଥିତ ଏସ୍‌ଏନ୍‌ଡିଟି ମହିଳା ବିଶ୍ୱବିଦ୍ୟାଳୟରେ ଆୟୋଜିତ ହେବ, ସେଥିରେ ଅଂଶଗ୍ରହଣ ପାଇଁ ନିମ୍ନଲିଖିତ ଦଳମାନେ ଯୋଗ୍ୟତା ଅର୍ଜନ କରିଛନ୍ତି।

ପ୍ରଥମ ସ୍ଥାନ (ବିଜେତା): ଉତ୍କଳ ବିଶ୍ୱବିଦ୍ୟାଳୟ, ଓଡ଼ିଶା ଦ୍ୱିତୀୟ ସ୍ଥାନ (ପ୍ରଥମ ଉପବିଜେତା) : କିଟ୍‌ସ ବିଶ୍ୱବିଦ୍ୟାଳୟ, ଓଡ଼ିଶା।
ତୃତୀୟ ସ୍ଥାନ (ଦ୍ୱିତୀୟ ଉପବିଜେତା) : ପଣ୍ଡିତ ରବିଶଙ୍କର ଶୁକ୍ଲା ବିଶ୍ୱବିଦ୍ୟାଳୟ, ଛତିଶଗଡ଼।
ଚତୁର୍ଥ ସ୍ଥାନ : ସହୀଦ ମହେନ୍ଦ୍ର କର୍ମା ବିଶ୍ୱବିଦ୍ୟାଳୟ, ବସ୍ତର, ଛତିଶଗଡ଼।

ଏହି ସମଗ୍ର ପ୍ରତିଯୋଗିତା କ୍ରୀଡ଼ା ପରିଷଦର ଉପନିର୍ଦ୍ଦେଶକ ଡ଼କ୍ଟର ଅମିତ କୁମାର ଶର୍ମା ଓ ଶାରୀରିକ ଶିକ୍ଷା ଅଧିକାରୀ ସଂଗ୍ରାମ ବିଶୋୟୀଙ୍କ ତତ୍ତ୍ୱାବଧାନ ଓ ସୁଚାରୁ ସମନ୍ୱୟରେ ସଫଳତାର ସହ ସମ୍ପନ୍ନ ହୋଇଥିଲା। ଏହି ସଫଳ ଆୟୋଜନ ମାଧ୍ୟମରେ ଫକୀରମୋହନ ବିଶ୍ୱବିଦ୍ୟାଳୟ, କ୍ରୀଡ଼ାକ୍ଷେତ୍ରରେ ଉତ୍କର୍ଷତାର ପ୍ରଚାର ଓ ଜାତୀୟ ସ୍ତରରେ ଆନ୍ତଃ-ବିଶ୍ୱବିଦ୍ୟାଳୟ ସହଯୋଗ ସୁଦୃଢ଼ କରିବାରେ ନିଜର ପ୍ରୟାସ ତଥା ପ୍ରତିବଦ୍ଧତାକୁ ପ୍ରମାଣିତ କରିପାରିଛି।

# ପୁଣି ଚାମ୍ପିଅନ ହେବ ଟିମ୍ ଇଣ୍ଡିଆ ! ୪୩ ବର୍ଷରେ ୩ୟ ଥର ପାଇଁ ଅଦ୍ଭୁତ ସଂଯୋଗ

**ନୂଆଦିଲ୍ଲୀ**

ଭାରତୀୟ କ୍ରିକେଟ ପ୍ରଶଂସକଙ୍କ ପାଇଁ ଏବେ ଏକ ବଡ଼ ଖୁସି ଖବର ସାମ୍ନାକୁ ଆସିଛି। ସୂର୍ଯ୍ୟକୁମାର ଯାଦବଙ୍କ ନେତୃତ୍ୱରେ ଭାରତୀୟ ଦଳ କ୍ରମାଗତ ଦ୍ୱିତୀୟ ଥର ପାଇଁ ଟି-୨୦ ବିଶ୍ୱକପ ଜିତିବ ବୋଲି ଏକ ଶୁଭ ସଂଯୋଗ ସୃଷ୍ଟି ହୋଇଛି। ଏହି ସଂଯୋଗର କାରଣ ସାଜିଛି ଜିମ୍ବାୱେ କ୍ରିକେଟ ଦଳ।

ଟି-୨୦ ବିଶ୍ୱକପ ୨୦୨୬ର ଏକ ରୋମାଞ୍ଚକର ମ୍ୟାଚ୍‌ରେ ଜିମ୍ବାୱେ ପୂର୍ବତନ ଚାମ୍ପିଅନ ଅଷ୍ଟ୍ରେଲିଆକୁ ୨୩ ରନ୍‌ରେ ପରାସ୍ତ କରି ସମସ୍ତଙ୍କୁ ଚକିତ କରିଦେଇଛି। କ୍ରିକେଟ ଇତିହାସରେ ଏହା ମାତ୍ର ତୃତୀୟ ଥର, ଯେଉଁଠାରେ ଜିମ୍ବାୱେ କୌଣସି ବିଶ୍ୱକପ୍‌ରେ ଅଷ୍ଟ୍ରେଲିଆକୁ ହରାଇବାରେ ସଫଳ ହୋଇଛି। ଆଶ୍ଚର୍ଯ୍ୟଜନକ କଥା ହେଉଛି, ପୂର୍ବରୁ ଯେବେ ବି ଜିମ୍ବାୱେ ଅଷ୍ଟ୍ରେଲିଆକୁ ହରାଇଛି, ସେତେବେଳେ ଭାରତ ବିଶ୍ୱକପ ଟ୍ରଫି ନିଜ ନାମରେ କରିଛି। ଜିମ୍ବାୱେର ବିଜୟ ଏବଂ ଭାରତର ଚାମ୍ପିଅନ ହେବାର ରେକର୍ଡ : ୧୯୮୩ ବିଶ୍ୱକପ- ଜିମ୍ବାୱେ ପ୍ରଥମ ଥର ଅଷ୍ଟ୍ରେଲିଆକୁ ହରାଇଥିଲା ଭାରତ ପ୍ରଥମ ଥର ବିଶ୍ୱ ଚାମ୍ପିୟନ ହେଲା।

୨୦୦୭ ଟି-୨୦ ବିଶ୍ୱକପ : ଜିମ୍ବାୱେ ଦ୍ୱିତୀୟ ଥର ଅଷ୍ଟ୍ରେଲିଆକୁ ହରାଇଥିଲା ମହେନ୍ଦ୍ର ସିଂହ ଧୋନୀଙ୍କ ନେତୃତ୍ୱରେ ଭାରତ ବିଶ୍ୱକପ ଜିତିଲା।

୨୦୨୬ ଟି-୨୦ ବିଶ୍ୱକପ : ଜିମ୍ବାୱେ ପୁଣିଥରେ ଅଷ୍ଟ୍ରେଲିଆକୁ ଧୂଳି ଚଟାଇଛି (ଭାରତ ପୁଣି ଇତିହାସ ଦୋହରାଇବ କି)

ଭାରତୀୟ ଦଳର ଏପର୍ଯ୍ୟନ୍ତର ପ୍ରଦର୍ଶନ : ଭାରତୀୟ ଦଳ ବର୍ତ୍ତମାନ ଟୁର୍ଣ୍ଣାମେଣ୍ଟରେ ଶକ୍ତିଶାଳୀ ସ୍ଥିତିରେ ରହିଛି: ୧. ପ୍ରଥମ ମ୍ୟାଚ୍ : ଆମେରିକା (ୟୁଏସଏ)କୁ ୨୯ ରନ୍‌ରେ ପରାସ୍ତ କରିଥିଲା।
୨. ଦ୍ୱିତୀୟ ମ୍ୟାଚ୍ : ନାମିବିଆକୁ ୯୩ ରନ୍‌ର ବଡ଼ ବ୍ୟବଧାନରେ ହରାଇ ପଏଣ୍ଟ ଟେବୁଲ ଶୀର୍ଷରେ ରହିଛି।
୩. ଆଗାମୀ ମହାଲଢ଼େଇ : ଆସନ୍ତା ୧୫ ଫେବୃଆରୀରେ କଲମ୍ବୋରେ ଚିରପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନ ବିପକ୍ଷରେ ଭାରତ ପଡ଼ିଆକୁ ଓହ୍ଲାଇବ। ଯଦିଓ କ୍ରିକେଟ ଏକ ଅନିଶ୍ଚିତତାର ଖେଳ, ତଥାପି ଏହି 'ଜିମ୍ବାୱେ-ଅଷ୍ଟ୍ରେଲିଆ' ସଂଯୋଗ ଭାରତୀୟ ପ୍ରଶଂସକଙ୍କ ମନରେ ନୂଆ ଆଶା ସଞ୍ଚାର କରିଛି। ସୂର୍ଯ୍ୟକୁମାର ଯାଦବଙ୍କ ନେତୃତ୍ୱରେ ଟିମ୍ ଇଣ୍ଡିଆ ଯଦି ଚଳିତ ବିଶ୍ୱକପ ଜିତେ, ତେବେ ଟି-୨୦ ଇତିହାସରେ କ୍ରମାଗତ ଦୁଇଥର ଟ୍ରଫି ଜିତିବାରେ ଭାରତ ପ୍ରଥମ ଦଳ ହେବ।

# ଟି୨୦ ବିଶ୍ୱକପ୍‌ରେ କାନାଡାକୁ ୫ ୱିକେଟ୍‌ରେ ହରାଇଲା ୟୁଏଇ

**ନୂଆଦିଲ୍ଲୀ**

ଚଳିତ ଟ୍ୱେଣ୍ଟି-୨୦ ବିଶ୍ୱକପ୍‌ରେ ପ୍ରଥମ ବିଜୟ ହାସଲ କରିଛି ୟୁଏଇ। ଦିଲ୍ଲୀର ଅରୁଣ ଜେଟଲି ଷ୍ଟାଡିୟମ୍‌ରେ ଶୁକ୍ରବାର ଖେଳାଯାଇଥିବା ଗ୍ରୁପ୍ 'ଡି'ର ଏକ ମ୍ୟାଚ୍‌ରେ କାନାଡାକୁ ୫ ୱିକେଟ୍‌ରେ ପରାସ୍ତ କରିଛି ଏହି ଏସୀୟ ଦଳ। ଟସ୍ ଜିତିବା ପରେ କାନାଡା ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୭ ୱିକେଟ୍ ହରାଇ ୧୫୦ ରନ୍ କରିଥିଲା। ଦଳ ପକ୍ଷରୁ ହର୍ଷ ଥାକର ୫୦ ଓ ନବନୀତ୍ ଧଲିୱାଲ୍ ୩୪ ରନ୍‌ର ଯୋଗଦାନ ଦେଇଥିବାବେଳେ ଶ୍ରେୟାସ ମୋଭା ୨୧ ରନ୍ କରିଥିଲେ। ୟୁଏଇ ପକ୍ଷରୁ ଜୁନୈଦ୍ ସିଦ୍ଦିକି ୩୫ ରନ ବିନିମୟରେ ୫ଟି ୱିକେଟ୍ ନେଇଥିଲେ।

୫୧ ରନ୍‌ର ଲକ୍ଷ୍ୟକୁ ୟୁଏଇ ଆର୍ଯ୍ୟାଂଶ ଶର୍ମା ଓ ସୋହେବ ଖାଁଙ୍କ ଅର୍ଦ୍ଧଶତକୀୟ ପାଳି ବଳରେ ୧୯.୪ ଓଭରରେ ୫ ୱିକେଟ୍ ହରାଇ ହାସଲ କରିନେଇଥିଲା। ଆର୍ଯ୍ୟାଂଶ ଶର୍ମା ୭୨ ରନ୍ କରିଥିବାବେଳେ ସୋହେବ ଖାଁ ୫୧ ରନ୍ କରିଥିଲେ। କାନାଡା ପକ୍ଷରୁ ସାଦ୍ ବିନ୍ ଜାଫର ୧୪ ରନ ବ୍ୟୟ କରି ୩ଟି ୱିକେଟ୍ ନେଇଥିଲେ। ଜୁନୈଦ୍ ସିଦ୍ଦିକିଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ଘୋଷଣା କରାଯାଇଥିଲା।

# ସୁବର୍ଣ୍ଣପୁର ଜିଲ୍ଲାରେ 'ଭାରତ ବନ୍ଦ'କୁ ସମ୍ପୂର୍ଣ୍ଣ ସମର୍ଥନ

**ସୁବର୍ଣ୍ଣପୁର, ନ୍ୟୁଜ୍‌ବ୍ୟୁରୋ**

୧୨ ଫେବୃୟାରୀ ସୋନପୁର ବନ୍ଦ ସମ୍ପୂର୍ଣ୍ଣ ସଫଳ। କେନ୍ଦ୍ର ବିଜେପି ବନାମ ନରେନ୍ଦ୍ର ମୋଦି ସରକାରଙ୍କ କମ୍ପାନୀ ଓ ପୁଞ୍ଜିପତିଙ୍କ ସ୍ୱାର୍ଥ ରକ୍ଷାକାରି ୪ ଶ୍ରମ କୋଡ଼କୁ ସମ୍ପୂର୍ଣ୍ଣ ବାତିଲ ଦାବିରେ ଏବଂ ଠିକା ଶ୍ରମିକ ପ୍ରଥା ସମ୍ପୂର୍ଣ୍ଣ ବନ୍ଦ କରି ଅଫିସ ତଥା କମ୍ପାନୀ ସମୂହରେ ସ୍ଥାୟୀ କର୍ମଚାରୀ, ଶ୍ରମିକ ନିଯୁକ୍ତି, ଏମଏସପିକୁ ଆଇନ ଗତ ମାନ୍ୟତା ପ୍ରଦାନ, ଜାତୀୟ ଶିକ୍ଷାନୀତି ସମ୍ପୂର୍ଣ୍ଣ ବାତିଲ, ଜାତୀୟ ସମ୍ପତ୍ତିର ଘରୋଇକରଣ ବନ୍ଦ, ବ୍ୟାଙ୍କ, ଏଲଆଇସି ଟେଲିକମ୍, ରେଳବାଇରେ ବିଦେଶୀ ପୁଞ୍ଜି ଲଗାଣ ବନ୍ଦ, ଆଶା, ଅଙ୍ଗନୱାଡ଼ି, ପାଚିକା ଆଦି ସ୍କିମ ୱାର୍କରଙ୍କୁ ରେଗୁଲାର କର୍ମଚାରୀର ଦରମା ପ୍ରଦାନ, ବେକାରଙ୍କୁ କର୍ମ ନିଯୁକ୍ତି, ଦରଦାମ ବୃଦ୍ଧି ବନ୍ଦ, ରନ୍ଧନ ଗ୍ୟାସ, ପେଟ୍ରୋଲ ଡିଜେଲ ଦର ହ୍ରାସ, ନାରୀ ନିର୍ଯାତନା ବନ୍ଦ ଆଦି ପ୍ରମୁଖ ଜାତୀୟ ଦାବିରେ ଭାରତବର୍ଷର ପ୍ରମୁଖ ୧୦ ଗୋଟି କେନ୍ଦ୍ରୀୟ ଶ୍ରମିକ ସଂଗଠନ ଓ ଶ୍ରମିକ ଫେଡେରେସନ ଏଆଇଟିୟୁସି, ଏଆଇୟୁଟିୟୁସି, ସିଆଇଟିୟୁ, ଆଇଏନଟିୟୁସି, ଏଚଏମଏସ, ଏଆଇସିସିଟିୟୁଙ୍କ ଡାକରାରେ ୧୨ ଫେବୃୟାରୀ ସର୍ବଭାରତୀୟ ୧୨ ଘଣ୍ଟିଆ ହରତାଳକୁ ସୁବର୍ଣ୍ଣପୁରରେ ସମ୍ପୂର୍ଣ୍ଣ ସଫଳ କରାଯାଇଛି। ସୁବର୍ଣ୍ଣପୁର ଜିଲ୍ଲା ଟ୍ରେଡ଼ ୟୁନିଅନ ସମନ୍ୱୟ ସମିତିର କର୍ମକର୍ତ୍ତା ସମୂହ ନେହୁରୁ ଷାଣ୍ଢେ, ମନୋରଞ୍ଜନ ପାଣ୍ଡେ, କୃଷ୍ଣ ଚନ୍ଦ୍ର କମ୍ପ, କର୍ଣ୍ଣରାଜ ପଧାନ, ରାଧାକାନ୍ତ ତାଣ୍ଡି, ସୀତା ମହାକୁର, ରୁନି ସେଠି, କୋଷେଳେଶ୍ୱର ସୁନା, ସରୋଜ ତାଣ୍ଡି, ସରୋଜ ପ୍ରଧାନ, ମୁରଲୀ ସାହୁ, ଜୟ ଜଗନ୍ନାଥ, ରମେଶ ନନ୍ଦ, ସୁଶାନ୍ତ ପଣ୍ଡା, ଜଗନ୍ନାଥ ସୁନା ପ୍ରମୁଖ ଶ୍ରମିକ ନେତାମାନେ ପ୍ରବୀଣ ଶ୍ରମିକ ନେତା ତଥା ଏସୟୁସିଆଇ. କମ୍ୟୁନିଷ୍ଟ ପାର୍ଟି ରାଜ୍ୟ ନେତୃତ୍ୱ ଗୋବିନ୍ଦ ମହାରଣାଙ୍କ ନେତୃତ୍ୱରେ ସୋନପୁର ବନ୍ଦକୁ ସମ୍ପୂର୍ଣ୍ଣ ସଫଳ କରିଥିଲେ। ଜିଲ୍ଲା କଂଗ୍ରେସ ଶ୍ରମିକ ସଂଗଠନର ଜିତେନ୍ଦ୍ର ପଟ୍ଟନାୟକ,ତରଣୀ ବାରିକ, ମାଧବ କୁମ୍ଭାର, ସୁଧିର ପଣ୍ଡା, ରଞ୍ଜିତ ରାଏ ଭାରତ ବନ୍ଦରେ ଯୋଗ ଦେଇଥିଲେ। ଜନଗଣ ଶ୍ରମିକ ସଂଗଠନମାନଙ୍କ ଆନ୍ଦୋଳନକୁ ସ୍ୱଇଚ୍ଛାରେ ସମର୍ଥନ ଦେଇଥିବା ଯୋଗୁଁ ସମସ୍ତ ସ୍ତରର ଜନଗଣଙ୍କୁ ଶ୍ରମିକ ନେତା ଗୋବିନ୍ଦ ମହାରଣା କୃତଜ୍ଞତା ଜଣାଇଛନ୍ତି।

## ହିମାଂଶୁ ଦାସ ମେମୋରିଆଲ ଫୁଟବଲ ଟୁର୍ଣ୍ଣାମେଣ୍ଟ

# ଏସଏସବି ସିଲିଗୁଡ଼ିକୁ ହରାଇ ଫାଇନାଲରେ ହରିପ୍ଲାଷ୍ଟ

**ବାଲେଶ୍ୱର, ନ୍ୟୁଜ୍**

ବାଲେଶ୍ୱରରେ ସର୍ବଭାରତୀୟ ହିମାଂଶୁ ଦାସ ମେମୋରିଆଲ ଫୁଟବଲ ଟୁର୍ଣ୍ଣାମେଣ୍ଟର ପ୍ରଥମ ସେମିଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଯାଇଛି। ଗ୍ରୁପ୍ 'ଏ'ର ଦୁଇ ବିଜେତା ହରିପ୍ଲାଷ୍ଟ ଓ ଏସଏସବି ସିଲିଗୁଡ଼ି ମଧ୍ୟରେ ଏହି ମ୍ୟାଚ୍ ଖେଳା ଯାଇଥିଲା। ହିମାଂଶୁ ହରି ଫାଉଣ୍ଡେସନ ଆନୁକୂଲ୍ୟରେ ଆୟୋଜିତ ହେଉଥିବା ଏହି ଟୁର୍ଣ୍ଣାମେଣ୍ଟରେ ମ୍ୟାଚ୍ ପୂର୍ବରୁ ଅନୁଷ୍ଠିତ ଉତ୍ସବରେ ଜିଲ୍ଲା ପରିଷଦ ସଭାପତି ନାରାୟଣ ପ୍ରଧାନ ଓ ବାଲେଶ୍ୱର ପୌରାଧ୍ୟକ୍ଷା ସବିତା ସାହୁ ବରେଣ୍ୟ ଅତିଥି ଭାବେ ଯୋଗଦେଇ ବାଲେଶ୍ୱରର କିମ୍ବଦନ୍ତୀ ବ୍ୟକ୍ତିତ୍ୱ ସ୍ୱର୍ଗତଃ ହିମାଂଶୁ ଦାସଙ୍କ ସ୍ମୃତିରେ ଆୟୋଜିତ ଏହି ଟୁର୍ଣ୍ଣାମେଣ୍ଟ ଏକ ପ୍ରଶଂସନୀୟ ଉଦ୍ୟମ ବୋଲି କହିଥିଲେ। ଫାଉଣ୍ଡେସନର ଚେୟାରମେନ ଯୁବ ଶିଳ୍ପଦ୍ୟୋଗୀ ସଞ୍ଜୟ ଦାସ ଏଥିରେ ଉପସ୍ଥିତ ରହି ଟୁର୍ଣ୍ଣାମେଣ୍ଟର ରୂପରେଖ ସମ୍ପର୍କରେ ସୂଚନା ଦେଇଥିଲେ। ୧୪ ତାରିଖ ଗ୍ରୁପ 'ବି'ରେ ସାମିଲ ବାରାକପୋର୍ ସ୍ଥିତ ପଶ୍ଚିମବଙ୍ଗ ପୋଲିସ ସ୍ପୋର୍ଟସ କ୍ଲବ ସହିତ ଏମଇଜି ବାଙ୍ଗାଲୁରୁ, ୧୫ ତାରିଖରେ କେରଳର କନ୍ନୁର ୟୁନାଇଟେଡ୍ ଫୁଟବଲ କ୍ଲବ ସହିତ ବିହାରର ମା' କାମାକ୍ଷା ଫୁଟବଲ କ୍ଲବର ମ୍ୟାଚ୍ ଅନୁଷ୍ଠିତ ହେବ। ୧୬ ତାରିଖ ଦ୍ୱିତୀୟ ସେମିଫାଇନାଲ ମ୍ୟାଚ୍ ଖେଳାଯିବ। ୧୭ ତାରିଖ କଟକର ନିତା ଫୁଟବଲ ଏକାଡେମୀ ଓ ବାରାକପୋର୍ ସ୍ଥିତ ପଶ୍ଚିମବଙ୍ଗ ମହିଳା ପୋଲିସ ସ୍ପୋର୍ଟସ କ୍ଲବ ମଧ୍ୟରେ ପ୍ରଦର୍ଶନୀ ଫୁଟବଲ ଏବଂ ୧୮ ତାରିଖ ଟୁର୍ଣ୍ଣାମେଣ୍ଟର ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହେବବୋଲି ଶ୍ରୀ ଦାସ କହିଛନ୍ତି। ଫାଉଣ୍ଡେସନର ଭାଇସ ଚେୟାରମେନ୍ ତଥା ହରିପ୍ଲାଷ୍ଟର ମ୍ୟାନେଜିଂ ଡାଇରେକ୍ଟର ସଂଗ୍ରାମ ଦାସ କାର୍ଯ୍ୟକ୍ରମରେ ପୌରୋହିତ୍ୟ କରିବା ସହିତ ଟୁର୍ଣ୍ଣାମେଣ୍ଟର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ ବାଲେଶ୍ୱରର ଭେଟରାନ ଫୁଟବଲ ଖେଳାଳି ଶକ୍ତିପଦ ଭଟ୍ଟାଚାର୍ଯ୍ୟ ଓ ସୁବିର କୁମାର ସିଂହଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅଲିଭା ଦାସ ଓ ଜୟଶ୍ରୀ ଦାସ କାର୍ଯ୍ୟକ୍ରମରେ ଉପସ୍ଥିତ ରହି ଆସନ୍ତା ୧୭ ତାରିଖରେ ହେବାକୁ ଥିବା ମହିଳା ପ୍ରଦର୍ଶନୀ ଫୁଟବଲ ମ୍ୟାଚ୍ ଦେଖିବାକୁ ଅନୁରୋଧ କରିଥିଲେ। ଟୁର୍ଣ୍ଣାମେଣ୍ଟ ଆୟୋଜନ କମିଟି ସମ୍ପାଦକ ସୂଜୟ ଆଚାର୍ଯ୍ୟ ଶେଷରେ ଧନ୍ୟବାଦ ଦେଇଥିଲେ।



ସଭା ପରେ ଅତିଥିମାନଙ୍କ ଦ୍ୱାରା ଦୁଇ ଟିମ୍‌ର ଖେଳାଳି ଓ ମ୍ୟାଚ୍ ଅଫିସିଆଲଙ୍କୁ ସ୍ୱାଗତ ଓ ପରିଚୟ ସହିତ ମ୍ୟାଚ୍ ଆରମ୍ଭ ହୋଇଥିଲା। ଚିତ୍ତାକର୍ଷକ ମ୍ୟାଚ୍‌ର ପ୍ରଥମାର୍ଦ୍ଧର ମାତ୍ର ୨ ମିନିଟ ମଧ୍ୟରେ ହରିପ୍ଲାଷ୍ଟର ଛୋଟୁ ମୁର୍ମୁ ପ୍ରଥମ ଗୋଲ କରି ଟିମ୍‌କୁ ଅଗ୍ରଣୀ କରାଇଥିବା ବେଳେ ୨୯ ମିନିଟରେ ଲବ ହାଁସଦା ଦ୍ୱିତୀୟ ଗୋଲ କରିଥିଲେ। ପ୍ରଥମାର୍ଦ୍ଧରେ ଶେଷ ପର୍ଯ୍ୟାୟ ୩୯ରେ ପୁଣି ଥରେ ଛୋଟୁ ମୁର୍ମୁ ତୃତୀୟ ଗୋଲ ଦେଇ ସିଲିଗୁଡ଼ି ଟିମ୍‌କୁ ସମ୍ପୂର୍ଣ୍ଣ ଚାପଗ୍ରସ୍ତ କରି ଦେଇଥିଲେ। ସିଲିଗୁଡ଼ି ବହୁ ପ୍ରଚେଷ୍ଟା କରିବା ସତ୍ତ୍ୱେ ପ୍ରଥମାର୍ଦ୍ଧରେ ଗୋଟିଏ ହେଲେ ଗୋଲ କରିବାକୁ ସକ୍ଷମ ହୋଇ ପାରିନଥିଲା। ମ୍ୟାଚ୍‌ର ଦ୍ୱିତୀୟାର୍ଦ୍ଧର ୨୩ ମିନିଟରେ ସିଲିଗୁଡିର ଏଲ ହାଓକିପ ଗୋଟିଏ ଗୋଲ ଦେଇଥିଲେ ସୁଦ୍ଧା ଓ ଶେଷ ଭାଗକୁ ଲବ ହାଁସଦା ବ୍ୟକ୍ତିଗତ ଦ୍ୱିତୀୟ ଓ ଟିମ୍ ପାଇଁ ଚତୁର୍ଥ ଗୋଲ ଦେଇ ହରିପ୍ଲାଷ୍ଟର ବିଜୟ ପଥକୁ ସୁଗମ କରିଥିଲେ। ଶେଷରେ ହରିପ୍ଲାଷ୍ଟ ୩-୧ ଗୋଲରେ ବିଜୟୀ ହୋଇଥିଲା। ମ୍ୟାଚ୍‌ରେ ଶ୍ରେଷ୍ଠ ପ୍ରଦର୍ଶନ ପାଇଁ ଛୋଟୁ ମୁର୍ମୁଙ୍କୁ ପ୍ଲେୟାର ଅଫ ଦି ମ୍ୟାଚ୍ ଭାବେ ବିବେଚିତ କରାଯାଇଥିଲା ଟୁର୍ଣ୍ଣାମେଣ୍ଟର ଫର୍ମାଟ ଅନୁସାରେ ଏହି ମ୍ୟାଚ୍ ଜିତି ହରି ପ୍ଲାଷ୍ଟ ଗ୍ରୁପ୍ 'ଏ'ର ବିଜେତା ଟିମ୍ ଭାବେ ସେମି ଫାଇନାଲକୁ ଉତ୍ତୀର୍ଣ୍ଣ ହୋଇଛି।

ଦିଲ୍ଲୀପ କୁମାର ରାଉତ ମ୍ୟାଚ୍‌ରେ ରେଫେରୀ, ରତ୍ନାକର ସୋରେନ ଓ ଉତ୍କଳମଣି ବେହେରା ଆସିଷ୍ଟାଣ୍ଟ ରଫେରୀ ଏବଂ ସୁଜିତ କୁମାର ପାତ୍ର ଚତୁର୍ଥ ରେଫେରୀ ଭାବେ ମ୍ୟାଚ୍ ପରିଚାଳନା କରିଥିଲେ।

ବାଲେଶ୍ୱର ଜିଲ୍ଲା କ୍ରୀଡ଼ା ସଂଘର କାର୍ଯ୍ୟକାରୀ ସଭାପତି ଅଭୟ ଦାସ ଓ ଉପସଭାପତି ଅମର କୁମାର ମହାନ୍ତିଙ୍କ ସମେତ ସହ ସମ୍ପାଦକ ରାଜେଶ ମହାପାତ୍ର ଓ ଅଭ୍ୟୁଦୟ ଦାସ, ଡକ୍ଟର ଶ୍ରୀମାନ ଶ୍ରୀଚନ୍ଦନ, ଅସିତ୍ ଦାସ, ଅମରେନ୍ଦ୍ର ପାତ୍ର, ଅୟେନ୍ ସେନ, ବିଶ୍ୱଜିତ ପରମାଣିକ, ସମ୍ପଦ ଦାସ, ସମର୍ଥ ଦାସ, ଅର୍ପିତ ସାଇମନ, ଅଶ୍ୱିନୀ ସାମଲ, ସୁଶାନ୍ତ ପଣ୍ଡା, ଦିଲ୍ଲୀପ ଦାସ ମହାପାତ୍ର, ଶଶୀ ଭୂଷଣ ମିଶ୍ର, ସୁଜିତ ମହାପାତ୍ର, ନିମାଇ ରାଉତରାୟ, ପ୍ରଦୀପ ଦାସ, ରଜତ ଦାସ, ଚିରଞ୍ଜିବ ମାନ୍ନା, ଫିର୍ଦୋଷ ପ୍ରମୁଖ ଏହି ମ୍ୟାଚ୍ ପରିଚାଳନାରେ ସକ୍ରିୟ ସହଯୋଗ କରିଥିଲେ।

